# ଆର୍ଯ୍ୟୋଦ୍ଦେଶ୍ୟ ରତ୍ନମାଳା

ମହର୍ଷି ଦୟାନନ୍ଦ ସରସ୍ୱତୀ

ସଂଗ୍ରାହକ: ପ୍ରଫୁଲ୍ଲ ଦାଶ

# ଆର୍ଯ୍ୟୋଦ୍ଦେଶ୍ୟ ରତ୍ନମାଳା


ସଂଗ୍ରାହକ:

**ପ୍ରଫୁଲ୍ଲ କୁମାର ଦାଶ**

ଗ୍ରାମ: ଭୋଗଡ଼ା, ପୋ: ମାଣିତରା

ଜିଲ୍ଲା: ଗଂଜାମ

ସଂପର୍କ: ୭୦୦୮୩୦୩୩୭୧

ପ୍ରକାଶିକା:

ଶ୍ରୀମତୀ ଶାନ୍ତିଲତା ଦାଶ

ଲିପି ସଂଯୋଜନା:

**କମ୍ପ୍ୟୁଟର ସଲ୍ୟୁସନ୍,**

ଷ୍ଟେସନ୍ ରୋଡ଼୍, ବ୍ରହ୍ମପୁର-୭୬୦୦୦୫

ମୁଦ୍ରଣ:

ପ୍ରଥମ ସଂସ୍କରଣ: **୨୦୨୩ ବସନ୍ତ ପଞ୍ଚମୀ**

ମୂଲ୍ୟ: **୨୦** ଟଙ୍କା ମାତ୍ର

# ପ୍ରବେଶ ପୂର୍ବରୁ...

ବ୍ୟବହାରିକ ଜୀବନରେ ମନୁଷ୍ୟ ଯେଉଁସବୁ କର୍ମ କରୁଥାଏ ସେଥିରେ ଯେତିକି ଜ୍ଞାନର ସ୍ପର୍ଶ ରହିବ ତାହା ସେତିକି ସଫଳ ହେବ । ସମାଜକୁ ଅଧ୍ୟୟନ କଲେ ଜଣାଯାଉଛି ଯେ ଜନମାନସରେ ଧର୍ମାଚରଣ ଯଥା- ପୂଜାପାଠ, ତୀର୍ଥ, ବ୍ରତ, ଉପବାସାଦି ବିଶେଷ କରି ଈଶ୍ୱରୋପାସନା ପାଇଁ ଆଗ୍ରହ ଜନ୍ମିଥାଏ । କିନ୍ତୁ ଏହିସବୁ କର୍ମାଚରଣ ପୂର୍ବରୁ ତତ୍‌ସମ୍ବନ୍ଧୀୟ ଆବଶ୍ୟକୀୟ ଜ୍ଞାନର ଅପରିହାର୍ଯ୍ୟତାକୁ ଆଦୌ ଗୁରୁତ୍ୱ ଦିଆଯାଇ ନଥାଏ । ଫଳତଃ ଈଶ୍ୱରଙ୍କ ସ୍ୱରୂପ ଏବଂ ଆଚରିତ କର୍ମାଦି ସମ୍ବନ୍ଧରେ କୌଣସି ଆପ୍ତୋପଦେଶ କିମ୍ବା ସିଦ୍ଧାନ୍ତିକ ସ୍ଥିର ଜ୍ଞାନ ପ୍ରାପ୍ତ ହୋଇନଥାଏ । ସମାଜରେ ଧର୍ମ, ଉପାସନା ଓ ଈଶ୍ୱର ନାମରେ ନାନାଦି ହାନିକାରକ ଅବୈଦିକ, ଅବୈଜ୍ଞାନିକ, ଅଯୌକ୍ତିକର ବିଚାରଧାରା ପ୍ରଚଳିତ ହୋଇଥାଏ । ସ୍ପଷ୍ଟ କହିବାକୁ ଗଲେ ଅଜ୍ଞାନତା ହିଁ ଅବିଚାରତ ଅନୁଚିତ କର୍ମ କରିବା ପ୍ରବୃତ୍ତି ଜାଗ୍ରତ କରାଇଥାଏ । ଏହି ଅଜ୍ଞାନତା ହିଁ ଦୁଃଖର କାରଣ ହୋଇଥାଏ ।

ମାନବ ସୃଷ୍ଟି ପରେ ମହର୍ଷି ବ୍ରହ୍ମାଙ୍କ ଠାରୁ ଆରମ୍ଭ କରି ମହର୍ଷି ଜୈମିନିଙ୍କ ପର୍ଯ୍ୟନ୍ତ ସୁଦୀର୍ଘ ଋଷି ପରମ୍ପରା ଯେଉଁସବୁ ବେଦାନୁକୂଳ ତଥା କଲ୍ୟାଣପ୍ରଦ ସାମାଜିକ ବ୍ୟବସ୍ଥାମାନ ଦେଇଛନ୍ତି, ସେସବୁର ଗହନ ଅଧ୍ୟୟନ କଲାପରେ ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ମହର୍ଷି ଦେବ ଦୟାନନ୍ଦ 'ସତ୍ୟାର୍ଥ ପ୍ରକାଶ', 'ଋଗ୍‌ବେଦାଦି ଭାଷ୍ୟଭୂମିକା', 'ସଂସ୍କାରବିଧି', ବେଦ ଭାଷ୍ୟାଦି କତିପୟ ସିଦ୍ଧାନ୍ତିକ

ଗ୍ରନ୍ଥ ରଚନା କରିଯାଇଛନ୍ତି । ଏତଦ୍‌ବ୍ୟତିରେକ, ମନୁଷ୍ୟ ମାତ୍ରକେ ସ୍ୱଳ୍ପ ଅଧ୍ୟୟନ କରି କମ୍ ସମୟରେ ଅନେକ କିଛି ସତ୍ୟ ସିଦ୍ଧାନ୍ତରେ ପ୍ରତିଷ୍ଠିତ ହେବାପାଇଁ 'ସ୍ୱମନ୍ତବ୍ୟାମନ୍ତବ୍ୟ ପ୍ରକାଶଃ' ଓ 'ଆର୍ଯ୍ୟୋଦ୍ଦେଶ୍ୟ ରତ୍ନମାଳା' ନାମକ ଦୁଇଟି ଲଘୁ ପୁସ୍ତିକାକୁ ଉପହାର ସ୍ୱରୂପ ମାନବ ସମାଜକୁ ଅର୍ପଣ କରିଛନ୍ତି । ସେଥିରେ ଲେଖାଯାଇଥିବା ଅପରିବର୍ତ୍ତନୀୟ ସିଦ୍ଧାନ୍ତ ରତ୍ନ ସମୂହକୁ ମାଳା ରୂପେ ଧାରଣ କରି ତଦନୁଯାୟୀ ଯଦି ପୁରୁଷାର୍ଥ କରାଯାଏ, ତାହାହେଲେ ଚତୁର୍ବର୍ଗ ଅର୍ଥାତ୍ ଧର୍ମ, ଅର୍ଥ, କାମ ଓ ମୋକ୍ଷ ସିଦ୍ଧି ହେବା ପଥ ଉନ୍ମୁକ୍ତ ରହିବ ।

ଋଷି ପରମ୍ପରା ପ୍ରବର୍ତ୍ତିତ ଶବ୍ଦ ପ୍ରମାଣଗୁଡ଼ିକୁ ସଂଗ୍ରହ କରି ସମାଜ ଆଗରେ ଉପସ୍ଥାପନା କରିବା ପାଇଁ କିଞ୍ଚିତ୍ ପ୍ରୟାସ କରିଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି ।

॥ ଇତି ॥

**ଲେଖକ**

# ଆର୍ଯ୍ୟୋଦ୍ଦେଶ୍ୟ ରତ୍ନମାଳା

୧. **ଈଶ୍ୱର:** ଯାହାଙ୍କର ଗୁଣ, କର୍ମ, ସ୍ୱଭାବ ଓ ସ୍ୱରୂପ ସତ୍ୟ ଅଟେ, ଯେକି କେବଳ ଚେତନ ମାତ୍ର ସତ୍ତା ଅଟନ୍ତି ତଥା ଅଦ୍ୱିତୀୟ, ସର୍ବଶକ୍ତିମାନ, ନିରାକାର, ସର୍ବବ୍ୟାପକ, ଅନାଦି ଏବଂ ଅନନ୍ତାଦି ସତ୍ୟଗୁଣ ଯୁକ୍ତ ଅଟନ୍ତି, ଯାହାଙ୍କର ସ୍ୱଭାବ ଅବିନାଶୀ, ଜ୍ଞାନୀ, ଆନନ୍ଦି, ଶୁଦ୍ଧ, ନ୍ୟାୟକାରୀ, ଦୟାଳୁ ଓ ଅଜନ୍ମାଦି ଅଟେ, ଉତ୍ପତ୍ତି -ପାଳନ ଓ ବିନାଶ କରିବା ତଥା ସମସ୍ତ ଜୀବକୁ ପାପ ପୁଣ୍ୟର ଠିକ୍ ଠିକ୍ ଫଳଦେବା ଯାହଙ୍କର କର୍ମ ଅଟେ, ତାଙ୍କୁ **ଈଶ୍ୱର** କୁହାଯାଏ ।

୨. **ଧର୍ମ:** ୧. ଈଶ୍ୱରାଜ୍ଞାକୁ ଯଥାବତ୍ ପାଳନ କରିବା, ୨. ପକ୍ଷପାତ ରହିତ ନ୍ୟାୟ ଏବଂ ସର୍ବହିତ କରିବା, ୩. ଯାହା ପ୍ରତ୍ୟକ୍ଷାଦି ପ୍ରମାଣ ଦ୍ୱାରା ସୁପରିକ୍ଷିତ ଏବଂ ବେଦୋକ୍ତ ହୋଇଥିବା କାରଣରୁ ସମସ୍ତ ମାନବ ପାଇଁ ଏକ ପ୍ରକାର ମାନିବା ଯୋଗ୍ୟ ଅଟେ, ତାହାକୁ **ଧର୍ମ** କୁହାଯାଏ ।

୩. **ଅଧର୍ମ:** ୧ ଈଶ୍ୱରାଜ୍ଞାର ଅବଜ୍ଞା କରି ସ୍ୱସ୍ୱାର୍ଥ ସିଦ୍ଧି ନିମିତ୍ତ ପକ୍ଷପାତ ପୂର୍ଣ୍ଣ ଅପରିକ୍ଷିତ ବିଚାର ଉପସ୍ଥାପନା କରିବା, ୨. ଯାହା ଅବିଦ୍ୟା, ହଠ, ଦୁରାଗ୍ରହ, ଅଭିମାନ, କ୍ରୁରତା ଯୁକ୍ତ ହୋଇଥିବାରୁ ବେଦ ବିରୁଦ୍ଧ ଅଟେ ଏବଂ ସମସ୍ତ ମନୁଷ୍ୟଙ୍କ ପାଇଁ ତ୍ୟାଗ ଯୋଗ୍ୟ ଅଟେ ତାହାକୁ **ଅଧର୍ମ** କୁହାଯାଏ ।

୪. **ପୁଣ୍ୟ:** ବିଦ୍ୟାଦି ଶୁଭ ଗୁଣଦାନ, ସତ୍ୟ ଭାଷଣ, ସତ୍ୟାଚରଣ କରିବା, ଯାହାର ସ୍ୱରୂପ ତାହାକୁ **ପୁଣ୍ୟ** କୁହାଯାଏ ।

**୫. ପାପ:** ପୁଣ୍ୟର ବିପରୀତ ଓ ମିଥ୍ୟା ଭାଷଣାଦି କରିବା **ପାପ** ଅଟେ ।

**୬. ସତ୍ୟ ଭାଷଣ:** ଯାହା ଆତ୍ମାର ଅନୁକୂଳ ଓ ଅସମ୍ଭବାଦି ଦୋଷ ରହିତ ସତ୍ୟ କୁହାଯାଏ, ତାହା **ସତ୍ୟ ଭାଷଣ** ଅଟେ ।

**୭. ମିଥ୍ୟା ଭାଷଣ:** ଯାହା ସତ୍ୟ ଭାଷଣର ବିରୁଦ୍ଧ ତାହା ମିଥ୍ୟାଭାଷଣ ଅଟେ ।

**୮. ବିଶ୍ୱାସ:** ଯାହାର ମୌଳିକ ଅର୍ଥ ଓ ଫଳ ନିଶ୍ଚୟାତ୍ମକ ହୋଇଥାଏ, ତାହାର ନାମ **ବିଶ୍ୱାସ** ଅଟେ ।

**୯. ଅବିଶ୍ୱାସ:** ଯାହା ବିଶ୍ୱାସର ବିପରୀତ ଯାହାର କିଛି ତତ୍ତ୍ୱାର୍ଥ ନଥାଏ ତାହା ଅବିଶ୍ୱାସ ଅଟେ ।

**୧୦. ପରଲୋକ:** ଯେଉଁଠି ସତ୍ୟବିଦ୍ୟା ଆଚରଣ ଦ୍ୱାରା ପରମେଶ୍ୱର ପ୍ରାପ୍ତିପୂର୍ବକ ଇହ ଜନ୍ମ ବା ପୁନର୍ଜନ୍ମରେ ଏବଂ ମୋକ୍ଷ ସ୍ଥିତିରେ ପହଞ୍ଚି ପରମସୁଖ ପ୍ରାପ୍ତି ହୁଏ, ତାହାକୁ **ପରଲୋକ** କୁହାଯାଏ ।

**୧୧. ଅପରଲୋକ:** ଯାହା ପରଲୋକର ବିପରୀତ ଓ ଯେଉଁଠାରେ ଦୁଃଖ ବିଶେଷ ଭୋଗ କରିବାକୁ ହୁଏ, ତାହାକୁ **ଅପରଲୋକ** କୁହାଯାଏ ।

**୧୨. ଜନ୍ମ:** ଯେଉଁଠାରେ କୌଣସି ଶରୀର ସହ ଯୁକ୍ତ ହୋଇ ଜୀବ କର୍ମ କରିବା ପାଇଁ ସମର୍ଥ ହୁଏ, ତାହାକୁ **ଜନ୍ମ** କୁହାଯାଏ ।

**୧୩. ମରଣ:** ଯେଉଁ ଶରୀରକୁ ପ୍ରାପ୍ତ ହୋଇ ଜୀବ କ୍ରିୟା କରୁଥାଏ, ସେହି ଶରୀର ଏବଂ ଜୀବର କୌଣସି ସମୟରେ ଯେଉଁ ବିଚ୍ଛେଦ ଘଟିଥାଏ, ତାହାକୁ **ମରଣ** କୁହାଯାଏ ।

**୧୪. ସ୍ୱର୍ଗ:** ଯେଉଁଠି ବିଶେଷ ସୁଖ ଏବଂ ସୁଖ ପ୍ରାପ୍ତିର ସାମଗ୍ରୀ ଜୀବକୁ ପ୍ରାପ୍ତ ହୋଇଥାଏ, ତାହାକୁ **ସ୍ୱର୍ଗ** କୁହାଯାଏ ।

**୧୫. ନରକ:** ଯେଉଁଠି ବିଶେଷ ଦୁଃଖ ଏବଂ ଦୁଃଖ ପ୍ରାପ୍ତିର ସାମଗ୍ରୀ ଜୀବକୁ ପ୍ରାପ୍ତ ହୋଇଥାଏ, ତାହାକୁ **ନରକ** କୁହାଯାଏ ।

**୧୬. ବିଦ୍ୟା:** ଯାହାଦ୍ୱାରା ଈଶ୍ୱରଙ୍କଠାରୁ ଆରମ୍ଭ କରି ପୃଥିବୀ ପର୍ଯ୍ୟନ୍ତ ପଦାର୍ଥ ଗୁଡ଼ିକର ସତ୍ୟ ବିଜ୍ଞାନ ହୋଇ ସେଥିରୁ ଯଥାଯୋଗ୍ୟ ଉପକାର ଗ୍ରହଣ କରାଯାଇଥାଏ ତାହାକୁ **ବିଦ୍ୟା** କୁହାଯାଏ ।

୧୭. **ଅବିଦ୍ୟା:** ଯାହା ବିଦ୍ୟାର ବିପରୀତ, ଭ୍ରମ, ଅନ୍ଧକାର ଏବଂ ଅଜ୍ଞାନ ରୂପ ଅଟେ, ତାହାକୁ **ଅବିଦ୍ୟା** କୁହାଯାଏ ।

୧୮. **ସତ୍ ପୁରୁଷ:** ଯେଉଁମାନେ ସତ୍ୟ ପ୍ରିୟ, ଧର୍ମାତ୍ମା, ବିଦ୍ୱାନ, ସର୍ବହିତକାରୀ ଏବଂ ମହାଶୟ ଅଟନ୍ତି, ସେମାନଙ୍କୁ ସତ୍ ପୁରୁଷ କୁହାଯାଏ ।

୧୯. **ସତ୍‌ସଙ୍ଗ, କୁସଙ୍ଗ:** ଯାହା ଆଚରଣ କରିବାଦ୍ୱାରା ମିଥ୍ୟା ଦୂର ହୋଇ କେବଳ ସତ୍ୟହିଁ ପ୍ରାପ୍ତି ହୋଇଥାଏ, ତାହାକୁ **ସତ୍‌ସଙ୍ଗ** ଏବଂ ଯାହା ଆଚରଣ କରି ଜୀବ ପାପାଚରଣରେ ଲିପ୍ତ ହୋଇଯାଏ ତାହାକୁ **କୁସଙ୍ଗ** କୁହାଯାଏ ।

୨୦. **ତୀର୍ଥ:** ବିଦ୍ୟାଭ୍ୟାସ, ସୁବିଚାର, ଈଶ୍ୱରୋପାସନା, ଧର୍ମାନୁଷ୍ଠାନ, ସତ୍ୟସହ ସମ୍ପର୍କ, ବ୍ରହ୍ମଚର୍ଯ୍ୟ, ଜିତେନ୍ଦ୍ରିୟାଦି ଯେତେ ଉତ୍ତମ ଗୁଣ ସମୂହ ଅଛି ସେସବୁ **ତୀର୍ଥ** ଅଟେ ।

୨୧. **ସ୍ତୁତି:** ଈଶ୍ୱର କିମ୍ବା ଅନ୍ୟ କୌଣସି ପ୍ରାଣୀ ଓ ପଦାର୍ଥର ଯେଉଁସବୁ ଗୁଣ ଓ ଜ୍ଞାନର ସତ୍ୟସତ୍ୟ କଥନ, ଶ୍ରବଣ ଏବଂ ସତ୍ୟ ଭାଷଣ କରାଯାଏ ତାହାକୁ **ସ୍ତୁତି** କୁହାଯାଏ ।

୨୨. **ସ୍ତୁତିର ଫଳ:** ଗୁଣ ଜ୍ଞାନ ହେବାଦ୍ୱାରା ଗୁଣି ପଦାର୍ଥରେ ଯେଉଁ ପ୍ରୀତି ଉତ୍ପନ୍ନ ହୁଏ, ତାହା ସ୍ତୁତିର ଫଳ ଅଟେ ।

୨୩. **ନିନ୍ଦା:** ମିଥ୍ୟା ଜ୍ଞାନ, ମିଥ୍ୟା ଭାଷଣ, ମିଥ୍ୟାରେ ଆଗ୍ରହାଦି କ୍ରିୟା ଏବଂ ଯାହାଦ୍ୱାରା ଗୁଣ ସ୍ଥାନରେ ଅବଗୁଣ ଆରୋପ କରାଯାଏ, ତାହା **ନିନ୍ଦା** ଅଟେ ।

୨୪. **ପ୍ରାର୍ଥନା:** ନିଜର ପୂର୍ଣ୍ଣ ପୁରୁଷାର୍ଥ ଉପରାନ୍ତ, ଉତ୍ତମ କର୍ମର ସିଦ୍ଧି ପାଇଁ, ପରମେଶ୍ୱର କିମ୍ବା କୌଣସି ସାମର୍ଥ୍ୟଶାଳୀ ମନୁଷ୍ୟଠାରୁ ସହାୟତା ଯାଚନା କରିବାକୁ **ପ୍ରାର୍ଥନା** କୁହାଯାଏ ।

୨୫. **ପ୍ରାର୍ଥନାର ଫଳ:** ଅଭିମାନ ନାଶ, ଆତ୍ମାରେ ଆର୍ଦ୍ରତା, ଗୁଣ ଗ୍ରହଣ କରିବାରେ ପୁରୁଷାର୍ଥ ପ୍ରବଣତା ଏବଂ ଅତ୍ୟନ୍ତ ପ୍ରୀତି ଜାଗ୍ରତ ହେବା **ପ୍ରାର୍ଥନାର ଫଳ** ଅଟେ ।

**୨୬. ଉପାସନା:** ଯାହା କରିବା ଦ୍ୱାରା କେବଳ ଈଶ୍ୱରଙ୍କ ଆନନ୍ଦ ସ୍ୱରୂପରେ ହିଁ ନିଜ ଆତ୍ମାକୁ (ନିଜକୁ) ନିମଗ୍ନ କରିହୁଏ, ତାହାକୁ **ଉପାସନା** କୁହାଯାଏ ।

**୨୭. ନିର୍ଗୁଣୋପାସନା:** ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ, ସଂଯୋଗ, ବିୟୋଗ, ହାଲୁକା, ଭାରୀ, ଅବିଦ୍ୟା, ଜନ୍ମ, ମରଣ ଏବଂ ଦୁଃଖାଦି ଗୁଣରୁ ରହିତ ବୋଲି ପରମାତ୍ମାଙ୍କୁ ଜାଣି ଯେଉଁ ଉପାସନା କରାଯାଏ, ତାହାକୁ **ନିର୍ଗୁଣୋପାସନା** କୁହାଯାଏ ।

**୨୮. ସଗୁଣୋପାସନା:** ଈଶ୍ୱରଙ୍କୁ ସର୍ବଜ୍ଞ, ସର୍ବଶକ୍ତିମାନ, ଶୁଦ୍ଧ, ଆନନ୍ଦ, ସର୍ବବ୍ୟାପକ,ଏକ, ସନାତନ, ସର୍ବକର୍ତ୍ତା, ସର୍ବାଧାର, ସର୍ବସ୍ୱାମୀ, ସର୍ବନିୟନ୍ତା, ସର୍ବାନ୍ତର୍ଯ୍ୟାମୀ, ମଙ୍ଗଳମୟ, ସର୍ବାନନ୍ଦପ୍ରଦ, ସର୍ବପିତା, ସମ୍ପୂର୍ଣ୍ଣ ଜଗତର ରଚୟିତା, ନ୍ୟାୟକାରୀ, ଦୟାଳୁ ଆଦି ଗୁଣଯୁକ୍ତ ଜାଣି ଯେଉଁ ଉପାସନା କରାଯାଏ ତାହାକୁ **ସଗୁଣୋପାସନା** କୁହାଯାଏ ।

**୨୯. ମୁକ୍ତି:** ସମସ୍ତ ପ୍ରକାର ଅଶୁଭ କର୍ମ ଓ ଜନ୍ମମରଣାଦି ଦୁଃଖ ସାଗରରୁ ପୃଥକ ରହି, ଆନନ୍ଦ ସ୍ୱରୂପ ପରମେଶ୍ୱରଙ୍କୁ ପ୍ରାପ୍ତ କରି, କେବଳ ଆନନ୍ଦରେ ହିଁ ରହିବା ସ୍ଥିତିକୁ **ମୁକ୍ତି** କୁହାଯାଏ ।

**୩୦. ମୁକ୍ତିର ସାଧନ:** ପୂର୍ବୋକ୍ତ ଈଶ୍ୱରଙ୍କ କୃପାପ୍ରାପ୍ତ ହେବା, ସ୍ତୁତି, ପ୍ରାର୍ଥନା, ଉପାସନାଦି କରିବା ତଥା ଧର୍ମାଚରଣ, ପୁଣ୍ୟକର୍ମ କରିବା, ସତ୍‌ସଙ୍ଗ, ବିଶ୍ୱାସ, ତୀର୍ଥ ସେବନ, ସତ୍ ପୁରୁଷଙ୍କ ସଙ୍ଗ, ପରୋପକାରାଦି ସମସ୍ତ ଉତ୍ତମ କର୍ମ କରିବା ଏବଂ ସମସ୍ତ ଦୁଷ୍ଟ କର୍ମରୁ ଅଲଗା ରହିବା, ଏସବୁ **ମୁକ୍ତିର ସାଧନ** ଅଟେ ।

**୩୧. କର୍ତ୍ତା:** ସ୍ୱତନ୍ତ୍ର ଭାବେ କର୍ମ କରିବା ବ୍ୟକ୍ତି, ଅର୍ଥାତ୍ ସମସ୍ତ ସାଧନ ଯାହାର ସ୍ୱାଧୀନ ଅଟେ, ତାହାକୁ **କର୍ତ୍ତା** କୁହାଯାଏ ।

**୩୨. କାରଣ:** ଯାହାକୁ ଉପଯୋଗ କରି କର୍ତ୍ତା କୌଣସି ଜିନିଷ ତିଆରି କରିପାରେ ଅର୍ଥାତ୍ ଯାହାର ଅଭାବରେ କୌଣସି ଜିନିଷ ତିଆରି ହୋଇପାରିବ ନାହିଁ, ତାହାକୁ **କାରଣ** କୁହାଯାଏ ।

୩୩. **ଉପାଦାନ କାରଣ:** ଯେଉଁ ଜଡ଼ ପଦାର୍ଥକୁ ଗ୍ରହଣ କରି କିଛି ଉତ୍ପନ୍ନ ହୋଇପାରିବ ବା ତିଆରି କରାଯାଇପାରିବ, ଯେପରିକି ମାଟିରୁ ମାଠିଆ, ଏହାକୁ (ମାଟିକୁ) **ଉପାଦାନ କାରଣ** କୁହାଯାଏ ।

୩୪. **ନିମିତ୍ତ କାରଣ:** ଯିଏ ତିଆରି କରେ, ଯେପରିକି କୁମ୍ଭାର ମାଠିଆ ତିଆରି କରେ । ଏହି ପ୍ରକାର ଚେତନ ପଦାର୍ଥକୁ **ନିମିତ୍ତ କାରଣ** କୁହାଯାଏ ।

୩୫. **ସାଧାରଣ କାରଣ:** ତିଆରି କରିବା ପାଇଁ ଉପଯୋଗ କରାଯାଉଥିବା ଚକ୍ର, ଦଣ୍ଡ, ଦିଗ, ପ୍ରକାଶ, ଆକାଶାଦି ସମୂହକୁ **ସାଧାରଣ କାରଣ** କୁହାଯାଏ ।

୩୬. **କାର୍ଯ୍ୟ:** ଯାହା କୌଣସି ପଦାର୍ଥ ବିଶେଷର ସଂଯୋଗରୁ ସ୍ଥୂଳ ରୂପ ହୋଇ କୌଣସି କାମରେ ଆସେ ଅର୍ଥାତ୍ ବ୍ୟବହାର ଉପଯୋଗୀ ହୁଏ, ଏବଂ ଯାହା ନିର୍ମାଣ ଯୋଗ୍ୟ ଅଟେ, ତାହା ଉପରୋକ୍ତ କାରଣାଦିର **କାର୍ଯ୍ୟ** ଅଟେ ।

୩୭. **ସୃଷ୍ଟି:** ଯାହା କର୍ତ୍ତାଦ୍ୱାରା ରଚିତ, କାରଣ ଦ୍ରବ୍ୟ ସମୂହର ଯୁକ୍ତିପୂର୍ବକ ସଂଯୋଗ ବିଶେଷରୁ ଅନେକ ପ୍ରକାର କାର୍ଯ୍ୟ ରୂପ ହୋଇ, ବର୍ତ୍ତମାନ ବ୍ୟବହାର ଯୋଗ୍ୟ ହୋଇଛି, ତାହାକୁ **ସୃଷ୍ଟି** କୁହାଯାଏ ।

୩୮. **ଜାତି:** ଯାହା ଜନ୍ମଠାରୁ ଆରମ୍ଭ କରି ମରଣ ପର୍ଯ୍ୟନ୍ତ ଏକ ପ୍ରକାର ରହେ, ଯାହା ଅନେକଙ୍କ ମଧ୍ୟରେ ଏକ ପ୍ରକାର ପ୍ରାପ୍ତ ହୋଇଥାଏ, ଯାହା ଈଶ୍ୱର କୃତ, ଯେପରିକି ମନୁଷ୍ୟ, ଗାଈ, ଘୋଡ଼ା ଏବଂ ବୃକ୍ଷ ଇତ୍ୟାଦି ଅଟେ, **ଜାତି** ଶବ୍ଦରୁ ଏସବୁ ଗ୍ରହଣ କରାଯାଏ ।

୩୯. **ମନୁଷ୍ୟ:** ଯେକି ବିନା ବିଚାରରେ କୌଣସି କାମକରେନି, ତାହାର ନାମ **ମନୁଷ୍ୟ** ଅଟେ ।

୪୦. **ଆର୍ଯ୍ୟ:** ଯେଉଁମାନେ ଶ୍ରେଷ୍ଠ ସ୍ୱଭାବ ଯୁକ୍ତ ଧର୍ମାତ୍ମା, ପରୋପକାରୀ, ସତ୍ୟବାଦୀ, ସତ୍ୟବିଦ୍ୟାଦି ଗୁଣଯୁକ୍ତ ଅଟନ୍ତି ଏବଂ ଆର୍ଯ୍ୟାବର୍ତ୍ତ ଦେଶରେ ଅବସ୍ଥାନ କରି ଆସିଛନ୍ତି, ସେମାନଙ୍କୁ **ଆର୍ଯ୍ୟ** କୁହାଯାଏ ।

**୪୧. ଆର୍ଯ୍ୟାବର୍ତ୍ତ:** ହିମାଳୟ, ବିନ୍ଧ୍ୟାଞ୍ଚଳ, ସିନ୍ଧୁନଦୀ ଏବଂ ବ୍ରହ୍ମପୁତ୍ର ନଦୀ ଏହି ଚାରି ମଧ୍ୟରେ ତଥା ଯେଉଁ ପର୍ଯ୍ୟନ୍ତ ଏହି ନଦୀ ଗୁଡ଼ିକ ବିସ୍ତାର ହୋଇଛି ତାହା ମଧ୍ୟରେ ଯେଉଁ ଦେଶ (ଭୂଖଣ୍ଡ) ଅବସ୍ଥିତ ତାହାର ନାମ **ଆର୍ଯ୍ୟାବର୍ତ୍ତ** ଅଟେ ।

**୪୨. ଦସ୍ୟୁ:** ଯେଉଁ ଅଜ୍ଞାନୀମାନେ ଅନାର୍ଯ୍ୟ ସ୍ୱଭାବ ଧାରୀ ଏବଂ ଆର୍ଯ୍ୟମାନଙ୍କ ନିବାସ ସ୍ଥାନରୁ ପୃଥକ ଡାକୁ, ଚୋର, ହିଂସକ ଦୁଷ୍ଟ ମନୁଷ୍ୟ ଅଟନ୍ତି, ସେମାନଙ୍କୁ **ଦସ୍ୟୁ** କୁହାଯାଏ ।

**୪୩. ବର୍ଣ୍ଣ:** ଗୁଣ ଏବଂ କର୍ମ ଯୋଗରୁ ଯାହା ଗ୍ରହଣ କରାଯାଏ, ତାହା **ବର୍ଣ୍ଣ** ପଦବାଚ୍ୟ ଅଟେ ।

**୪୪. ବର୍ଣ୍ଣଭେଦ:** ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏବଂ ଶୁଦ୍ରାଦିଙ୍କୁ **ବର୍ଣ୍ଣ ଭେଦ**ରେ ଗ୍ରହଣ କରାଯାଏ ।

**୪୫. ଆଶ୍ରମ:** ଯେଉଁଠାରେ ଅତ୍ୟନ୍ତ ପରିଶ୍ରମ କରି ଉତ୍ତମ ଗୁଣର ଗ୍ରହଣ ଓ ଶ୍ରେଷ୍ଠ କର୍ମ କରାଯାଏ ତାକୁ **ଆଶ୍ରମ** କୁହାଯାଏ ।

**୪୬. ଆଶ୍ରମ ଭେଦ:** ସତ୍ୟବିଦ୍ୟାଦୀ ଶୁଭଗୁଣର ଗ୍ରହଣ ତଥା ଜିତେନ୍ଦ୍ରିୟତା ଦ୍ୱାରା ଆତ୍ମା ଏବଂ ଶରୀରର ଶକ୍ତି ବଢ଼ାଇବା କର୍ମ ଯେଉଁଠାରେ କରାଯାଏ ତାହାକୁ **ବ୍ରହ୍ମଚର୍ଯ୍ୟାଶ୍ରମ** କୁହାଯାଏ ।

ସନ୍ତାନୋତ୍ପତ୍ତି ଏବଂ ବିଦ୍ୟାଦି ସମସ୍ତ ବ୍ୟବହାରକୁ ସିଦ୍ଧ କରିବା ପାଇଁ ଯେଉଁଠାରେ ପୁରୁଷାର୍ଥ କରାଯାଏ ତାହାକୁ **ଗୃହସ୍ଥାଶ୍ରମ** କୁହାଯାଏ ।

ସର୍ବୋପକାର କରିବା ପାଇଁ **ବାନପ୍ରସ୍ଥ** ଓ **ସନ୍ୟାସ** ଆଶ୍ରମ ଉଦ୍ଦିଷ୍ଟ ।

ଏହି ଚାରିଟିକୁ ଆଶ୍ରମ କୁହାଯାଏ ।

**୪୭. ଯଜ୍ଞ:** ଅଗ୍ନିହୋତ୍ର (ହୋମ)ଠାରୁ ଆରମ୍ଭ କରି ଅଶ୍ୱମେଧ (ରାଷ୍ଟ୍ର କଲ୍ୟାଣ) ପର୍ଯ୍ୟନ୍ତ ଯେଉଁସବୁ ବିଭିନ୍ନ ଶିଳ୍ପ ବ୍ୟବହାର ଓ ପଦାର୍ଥ ବିଜ୍ଞାନାଦି (କଳା କୌଶଳ) ଜଗତ କଲ୍ୟାଣ ପାଇଁ ଉପଯୋଗ କରାଯାଏ, ତାହାକୁ (ହିଂସା ରହିତ ଶ୍ରେଷ୍ଠତମ କର୍ମକୁ) **ଯଜ୍ଞ** କୁହାଯାଏ ।

୪୮. **କର୍ମ:** ମନ, ଇନ୍ଦ୍ରିୟ ଓ ଶରୀର ମାଧ୍ୟମରେ ଜୀବ ଯେଉଁ ଚେଷ୍ଟା ବିଶେଷ କରେ ତାହାକୁ **କର୍ମ** କୁହାଯାଏ । ତାହା ଶୁଭ, ଅଶୁଭ, ଏବଂ ମିଶ୍ର ଭେଦରେ ତିନି ପ୍ରକାର ଅଟେ ।

୪୯. **କ୍ରିୟମାଣ:** ଯାହା ବର୍ତ୍ତମାନ କରାଯାଉଛି ତାହା **କ୍ରିୟମାଣ** କର୍ମ ଅଟେ ।

୫୦. **ସଞ୍ଚିତ:** କ୍ରିୟମାଣ କର୍ମର ଯେଉଁ ସଂସ୍କାର ବିଶେଷ ଜ୍ଞାନରେ ଜମାହୋଇ ରହେ, ତାହାକୁ **ସଞ୍ଚିତ** କୁହାଯାଏ ।

୫୧. **ପ୍ରାରବ୍ଧ:** ପୂର୍ବକୃତ ସଞ୍ଚିତ କର୍ମର ସୁଖ, ଦୁଃଖ ରୂପୀ ଫଳ ଯାହା ବର୍ତ୍ତମାନ ଭୋଗ କରାଯାଉଛି ତାହାକୁ **ପ୍ରାରବ୍ଧ** କୁହାଯାଏ ।

୫୨. **ଅନାଦି ପଦାର୍ଥ:** ଈଶ୍ୱର-ଜୀବ ଓ ସମସ୍ତ ଜଗତର ମୂଳ କାରଣ (ଜଡ଼ ପ୍ରକୃତି), ଏହି ତିନୋଟି ସ୍ୱରୂପତଃ **ଅନାଦି ପଦାର୍ଥ** ଅଟେ ।

୫୩. **ପ୍ରବାହତଃ ଅନାଦି ପଦାର୍ଥ:** କାର୍ଯ୍ୟ ଜଗତ, ଜୀବର କର୍ମ ଓ ଏହି ଦୁଇଟିର ସଂଯୋଗ-ବିଯୋଗ, ଏହି ତିନିଟି **ପରମ୍ପରା କ୍ରମେ** ଅନାଦି ।

୫୪. **ଅନାଦିର ସ୍ୱରୂପ:** ଯାହା କୌଣସି ସମୟରେ ମଧ୍ୟ ଉତ୍ପନ୍ନ ହୋଇନାହିଁ, ଯାହାର କିଛି ମଧ୍ୟ କାରଣ* ନାହିଁ ଅର୍ଥାତ୍ ଯାହା ସ୍ୱୟଂ ସିଦ୍ଧ ଏବଂ ସଦାବେଳେ ବର୍ତ୍ତମାନ (ଥିଲା, ଅଛି ଏବଂ ରହିବ) ରହେ ତାହାକୁ **ଅନାଦି** କୁହାଯାଏ ।

୫୫. **ପୁରୁଷାର୍ଥ:** ଆଳସ୍ୟ ପରିତ୍ୟାଗ ପୂର୍ବକ, ଉତ୍ତମ ବ୍ୟବହାର ସମୂହର ସିଦ୍ଧି ପାଇଁ, ମନ, ବଚନ, ଶରୀର ଓ ଧର୍ମ ଦ୍ୱାରା ଯେଉଁ ଅତ୍ୟନ୍ତ ଚେଷ୍ଟା କରାଯାଏ, ତାହାକୁ ପୁରୁଷାର୍ଥ କୁହାଯାଏ ।

୫୬. **ପୁରୁଷାର୍ଥର ଭେଦ:** ଅପ୍ରାପ୍ତ ବସ୍ତୁର ପ୍ରାପ୍ତି, ପ୍ରାପ୍ତ ବସ୍ତୁର ସୁରକ୍ଷା, ସୁରକ୍ଷିତକୁ ବଢ଼ାଇବା ଏବଂ ବର୍ଦ୍ଧିତ ପଦାର୍ଥକୁ ସତ୍ୟ ବିଦ୍ୟାର ଉନ୍ନତି ତଥା ସମସ୍ତଙ୍କ ହିତ ପାଇଁ ବିନିଯୋଗ କରିବା, ଏହି ଚାରି ପ୍ରକାର କର୍ମକୁ ପୁରୁଷାର୍ଥ ଭେଦ କୁହାଯାଏ ।

---

* କ୍ରମିକ ସଂଖ୍ୟା ୩୨, ୩୩, ୩୪, ୩୫ ଦ୍ରଷ୍ଟବ୍ୟ- ସଂଗ୍ରାହକ

**୫୭. ପରୋପକାର:** ଅନ୍ୟ ପ୍ରାଣୀମାନଙ୍କୁ ସୁଖି କରିବା ପାଇଁ, ନିଜର ସମସ୍ତ ସାମର୍ଥ୍ୟ ଅର୍ଥାତ୍ ଶରୀର, ମନ ଓ ଧର୍ମ ଦ୍ୱାରା ଯେଉଁ ପ୍ରଯତ୍ନ କରାଯାଏ ତାହାକୁ **ପରୋପକାର** କୁହାଯାଏ ।

**୫୮. ଶିଷ୍ଟାଚାର:** ଯେଉଁ ଠାରେ ଶୁଭ ଗୁଣର ଗ୍ରହଣ ଓ ଅଶୁଭ ଗୁଣର ତ୍ୟାଗ କରାଯାଏ ତାହାକୁ **ଶିଷ୍ଟାଚାର** କୁହାଯାଏ ।

**୫୯. ସଦାଚାର:** ସୃଷ୍ଟିର ଆରମ୍ଭରୁ ଚାଲିଆସିଥିବା ସତ୍ ପୁରୁଷମାନଙ୍କର ଆଚରଣ ଯେଉଁଥିରେକି କେବଳ ସତ୍ୟରହିଁ ଆଚରଣ ଓ ଅସତ୍ୟର ପରିତ୍ୟାଗ କରାଯାଇଛି, ତାହାକୁ **ସଦାଚାର** କୁହାଯାଏ ।

**୬୦. ବିଦ୍ୟା ପୁସ୍ତକ:** ଈଶ୍ୱରୋକ୍ତ, ସନାତନ, ସର୍ବବିଦ୍ୟାମୟ ଚାରି ବେଦକୁ **ବିଦ୍ୟା ପୁସ୍ତକ** କୁହାଯାଏ ।

**୬୧. ଆଚାର୍ଯ୍ୟ:** ଯେଉଁମାନେ ଶ୍ରେଷ୍ଠ ଆଚରଣକୁ ଗ୍ରହଣ କରାଇ ସମସ୍ତ ବିଦ୍ୟାକୁ ପଢ଼ାଇ ଦିଅନ୍ତି, ସେମାନଙ୍କୁ **ଆଚାର୍ଯ୍ୟ** କୁହାଯାଏ ।

**୬୨. ଗୁରୁ:** ବୀର୍ଯ୍ୟଦାନ ଠାରୁ ଆରମ୍ଭ କରି ଭୋଜନାଦିର ବ୍ୟବସ୍ଥା କରି ପାଳନ ପୋଷଣ କରିଥିବାରୁ ପିତାଙ୍କୁ **ଗୁରୁ** ବୋଲି କୁହାଯାଏ ।

ଯିଏ ସତ୍ୟୋପଦେଶ ଦ୍ୱାରା ହୃଦୟର ଅଜ୍ଞାନରୂପୀ ଅନ୍ଧକାରକୁ ନଷ୍ଟ କରିଦିଅନ୍ତି ତାହାଙ୍କୁ ମଧ୍ୟ ଗୁରୁ ଅର୍ଥାତ୍ ଆଚାର୍ଯ୍ୟ କୁହାଯାଏ ।

**୬୩. ଅତିଥି:** ଯେଉଁ ମାନଙ୍କର ଆସିବା ଓ ଯିବା ବିଷୟରେ କୌଣସି ତିଥି ନିର୍ଦ୍ଧାରିତ ନଥାଏ, ଯେଉଁମାନେ ସର୍ବତ୍ର ଭ୍ରମଣ କରି ନିଜର ବିଦ୍ୱତା ଦ୍ୱାରା ପ୍ରଶ୍ନ ଉତ୍ତର ମାଧ୍ୟମରେ ସମସ୍ତ ଜୀବ ମାନଙ୍କର ଉପକାର କରନ୍ତି, ସେହିମାନଙ୍କୁ **ଅତିଥି** କୁହାଯାଏ ।

**୬୪. ପଞ୍ଚାୟତନପୂଜା:** ଜୀବିତ ମାତା, ପିତା, ଆଚାର୍ଯ୍ୟ, ଅତିଥି ଏବଂ ପରମେଶ୍ୱରଙ୍କୁ ଯଥାଯୋଗ୍ୟ ସତ୍କାର ପୂର୍ବକ ପ୍ରସନ୍ନ କରିବା-ଏହାକୁ **ପଞ୍ଚାୟତନ ପୂଜା** କୁହାଯାଏ ।

**୬୫. ପୂଜା:** ଜ୍ଞାନାଦି ଗୁଣ ସମ୍ପନ୍ନ ମାନଙ୍କୁ ଯେଉଁ ଯଥାଯୋଗ୍ୟ ସତ୍କାର କରାଯାଏ ତାହାକୁ **ପୂଜା** କୁହାଯାଏ ।

୬୬. **ଅପୂଜା:** ଯାହା ଜ୍ଞାନ ରହିତ ଜଡ଼ ପଦାର୍ଥ ଏବଂ ସତ୍କାର ଯୋଗ୍ୟ ନୁହେଁ, ସେସବୁର ସତ୍କାରକୁ **ଅପୂଜା** କୁହାଯାଏ ।

୬୭. **ଜଡ଼:** ଜ୍ଞାନାଦି ଗୁଣ ରହିତ ପଦାର୍ଥକୁ **ଜଡ଼** କୁହାଯାଏ । ଜଡ଼ ପଦାର୍ଥର ଗୁଣ ଅବଗତ ହୋଇ ତାହାକୁ ଜୀବ ଜଗତର କଲ୍ୟାଣ ପାଇଁ ଉପଯୋଗ କରିବା ଉଚିତ ।

୬୮. **ଚେତନ:** ଯେଉଁ ପଦାର୍ଥ ଜ୍ଞାନାଦି ଗୁଣ ଯୁକ୍ତ ତାହାକୁ **ଚେତନ** କୁହାଯାଏ ।

୬୯. **ଭାବନା:** ଯେଉଁ ପଦାର୍ଥ ଯେପରି ଅଟେ ତାହାକୁ ସେପରି ଜାଣି ଭ୍ରମ ରହିତ ହେବା ଅର୍ଥାତ୍ ଯାହା ଯେପରି ତାହାକୁ ଠିକ୍ ସେହିପରି ବୁଝିବାର ନାମ **ଭାବନା** ଅଟେ ।

୭୦. **ଅଭାବନା:** ଯାହା ଭାବନାର ବିପରୀତ ଅର୍ଥାତ୍ ମିଥ୍ୟାଜ୍ଞାନବଶତଃ ଯଥାର୍ଥ ସ୍ୱୀକାର ନକରି ଅନ୍ୟ ପ୍ରକାର ନିଶ୍ଚୟ କରିବା ଅର୍ଥାତ୍ ଜଡ଼କୁ ଚେତନ ଓ ଚେତନକୁ ଜଡ଼ରୂପେ ନିଶ୍ଚୟ କରିବା, ଏସବୁକୁ **ଅଭାବନା** କୁହାଯାଏ ।

୭୧. **ପଣ୍ଡିତ:** ଯେଉଁମାନେ ସତ୍ ଓ ଅସତ୍କୁ ବିବେକ ଜ୍ଞାନଦ୍ୱାରା ଜାଣନ୍ତି, ଧର୍ମାତ୍ମା, ସତ୍ୟବାଦୀ, ସତ୍ୟପ୍ରିୟ, ବିଦ୍ୱାନ ଓ ସମସ୍ତଙ୍କ ହିତକାରୀ ଅଟନ୍ତି, ସେମାନଙ୍କୁ **ପଣ୍ଡିତ** କୁହାଯାଏ ।

୭୨. **ମୂର୍ଖ:** ଯେଉଁମାନେ ଅଜ୍ଞାନ, ହଠ, ଦୁରାଗ୍ରହାଦି ଦୋଷଯୁକ୍ତ ଅଟନ୍ତି ସେମାନଙ୍କୁ **ମୂର୍ଖ** କୁହାଯାଏ ।

୭୩. **ଜ୍ୟେଷ୍ଠକନିଷ୍ଠ ବ୍ୟବହାର:** ବଡ଼ ଓ ସାନ ସହ ଯଥାଯୋଗ୍ୟ ପରସ୍ପର ସମ୍ମାନ କରିବା **ଜ୍ୟେଷ୍ଠ କନିଷ୍ଠ ବ୍ୟବହାର** ଅଟେ ।

୭୪. **ସର୍ବହିତ:** ତନୁ, ମନ ଓ ଧନ ସହ ସମସ୍ତଙ୍କର ସୁଖ ବୃଦ୍ଧି କରିବା ଉଦ୍ୟମକୁ **ସର୍ବହିତ** କୁହାଯାଏ ।

୭୫. **ଚୋରି ତ୍ୟାଗ:** ମାଲିକର ବିନା ଅନୁମତିରେ କୌଣସି ପଦାର୍ଥକୁ ଗ୍ରହଣ କରିବା ଚୋରି ଅଟେ । ଏହାକୁ ତ୍ୟାଗ କରିବା **ଚୋରିତ୍ୟାଗ** ଅଟେ ।

୭୬. **ବ୍ୟଭିଚାର ତ୍ୟାଗ:** ନିଜ ପତ୍ନୀ ବ୍ୟତୀତ ଅନ୍ୟ କୌଣସି ନାରୀ ସହ ସମ୍ଭୋଗ କରିବା, ନିଜର ପତ୍ନୀକୁ ମଧ୍ୟ ଋତୁକାଳ ବ୍ୟତୀତ ଅନ୍ୟ ସମୟରେ

ବୀର୍ଯ୍ୟଦାନ କରିବା, ଯୁବାବସ୍ଥା ପୂର୍ବରୁ ବିବାହ କରିବା ଏସବୁ ବ୍ୟଭିଚାର ଅଟେ । ଏସବୁ ତ୍ୟାଗ କରିବା **ବ୍ୟଭିଚାର ତ୍ୟାଗ** ଅଟେ ।

**୭୭. ଜୀବର ସ୍ୱରୂପ:** ଯେକି ଚେତନ, ଅଳ୍ପଜ୍ଞ, ଇଚ୍ଛା, ଦ୍ୱେଷ, ପ୍ରଯତ୍ନ, ସୁଖ, ଦୁଃଖ ଏବଂ ଜ୍ଞାନାଦିଗୁଣ ସମ୍ପନ୍ନ ନିତ୍ୟ ସତ୍ତା ଅଟେ ତାହାକୁ **ଜୀବ** କୁହାଯାଏ ।

**୭୮. ସ୍ୱଭାବ:** ଯେଉଁ ବସ୍ତୁର ସ୍ୱାଭାବିକ ଗୁଣ ଯାହା ଅଟେ, ଯେପରିକି ଅଗ୍ନିର ରୂପ ଏବଂ ଉତ୍ତାପ ଗୁଣ ଅର୍ଥାତ୍ ଯେତେବେଳେ ଯାଏଁ ଏହା ରହେ, ସେତେବେଳେ ପର୍ଯ୍ୟନ୍ତ ଏହି ଗୁଣର ଅଭାବ ହୁଏନି, ଏଥିପାଇଁ ଏହାକୁ **ସ୍ୱଭାବ** କୁହାଯାଏ ।*

**୭୯. ପ୍ରଳୟ:** କାର୍ଯ୍ୟ ଜଗତ କାରଣ ରୂପ ହେବା, ଅର୍ଥାତ୍ ଜଗତର ରଚୟିତା ଯେଉଁ ଉପାଦାନ କାରଣରୁ ସୃଷ୍ଟି ସର୍ଜନା କରି ଏହାର ପାଳନ ପୋଷଣ କରୁଥିଲେ, ସେସବୁକୁ ପୁଣି ସେହି କାରଣ ରୂପକୁ ପରିବର୍ତ୍ତନ କରି ତାହାକୁ ସ୍ଥିର ରଖିବା ଅବସ୍ଥାକୁ **ପ୍ରଳୟ** କୁହାଯାଏ ।

**୮୦. ମାୟାବୀ :** ଛନ୍ଦ, କପଟ, ସ୍ୱାର୍ଥରେ ହିଁ ପ୍ରସନ୍ନତା, ଦମ୍ଭ, ଅହଂକାର, ଶଠତାଦି ଦୋଷ, ଏ ସମସ୍ତକୁ ମାୟା କୁହାଯାଏ । ଯେଉଁ ବ୍ୟକ୍ତି ଏହି ଦୁର୍ଗୁଣ ଯୁକ୍ତ ରହନ୍ତି ତାହାକୁ **ମାୟାବୀ** କୁହାଯାଏ ।

**୮୧. ଆପ୍ତ:** ଯେଉଁମାନେ ଛନ୍ଦ କପଟାଦି ଦୋଷ ରହିତ, ଧର୍ମାତ୍ମା, ବିଦ୍ୱାନ, ସତ୍ୟୋପଦେଷ୍ଟା, ସମସ୍ତ ପ୍ରକାର କୃପା ଦୃଷ୍ଟିରେ ବର୍ତ୍ତମାନ ରହି, ଅଜ୍ଞାନାନ୍ଧକାର ନାଶକରି ଅଜ୍ଞାନୀ ଲୋକମାନଙ୍କର ଆତ୍ମାରେ ବିଦ୍ୟାରୂପକ ସୂର୍ଯ୍ୟର ପ୍ରକାଶ କରନ୍ତି, ସେମାନଙ୍କୁ **ଆପ୍ତ** କୁହାଯାଏ ।

**୮୨. ପରୀକ୍ଷା:** ପ୍ରତ୍ୟକ୍ଷାଦି ଆଠ ପ୍ରମାଣ, ବେଦ ବିଦ୍ୟା, ଆତ୍ମାର ଶୁଦ୍ଧତା ଏବଂ ସୃଷ୍ଟିକ୍ରମର ଅନୁକୂଳ ବିଚାର ଦ୍ୱାରା ସତ୍ୟାସତ୍ୟର ଠିକ୍ ଠିକ୍ ନିର୍ଣ୍ଣୟ କରିବା, ଏ ସମସ୍ତକୁ **ପରୀକ୍ଷା** କୁହାଯାଏ ।

---

* ସୃଷ୍ଟିର ସମସ୍ତ ଜଡ଼ ଏବଂ ଚେତନ ପଦାର୍ଥଗୁଡ଼ିକର ସ୍ୱଭାବ ଏହିପରି ନିର୍ଣ୍ଣୟ କରିବା ଉଚିତ ।

୮୩. **ଆଠ ପ୍ରମାଣ:** ପ୍ରତ୍ୟକ୍ଷ, ଅନୁମାନ, ଉପମାନ, ଶବ୍ଦ, ଐତିହ୍ୟ, ଅର୍ଥାପତ୍ତି, ସମ୍ଭବ, ଏବଂ ଅଭାବ ଏହା ଆଠ ପ୍ରମାଣ ଅଟେ ।

ଏହାଦ୍ୱାରା ମନୁଷ୍ୟ ସମସ୍ତ ସତ୍ୟ ଏବଂ ଅସତ୍ୟ ଠିକ୍ ରୂପେ ନିର୍ଣ୍ଣୟ କରିପାରିବ ।

୮୪. **ଲକ୍ଷଣ:** ଯାହାଦ୍ୱାରା ଲକ୍ଷ୍ୟକୁ ଜାଣିହୁଏ, ଯାହାକି ଏହାର ସ୍ୱାଭାବିକ ଗୁଣ ହୋଇଥିବ, ଯେପରିକି ରୂପରୁ ଅଗ୍ନିକୁ ଜାଣିହୁଏ । ଏଥିପାଇଁ ଏହାକୁ **ଲକ୍ଷଣ** କୁହାଯାଏ ।

୮୫. **ପ୍ରମେୟ:** ଯାହା ପ୍ରମାଣ ଦ୍ୱାରା ଜଣାଯାଏ, ଯେପରିକି ଆଖିଦ୍ୱାରା ରୂପକୁ ଜଣାଯାଏ । ଏଠାରେ ରୂପ ପ୍ରମେୟ ଅଟେ । ଯାହା ଇନ୍ଦ୍ରିୟ ଦ୍ୱାରା ପ୍ରତ୍ୟକ୍ଷ ହୁଏ, ତାହାକୁ **ପ୍ରମେୟ** କୁହାଯାଏ ।

୮୬. **ପ୍ରତ୍ୟକ୍ଷ:** ଶବ୍ଦାଦି ପଦାର୍ଥ, ଶ୍ରୋତ୍ରାଦି ଇନ୍ଦ୍ରିୟ ଓ ମନର ନିକଟ ସମ୍ପର୍କରେ ଯେଉଁ ଜ୍ଞାନ ହୁଏ, ତାହାକୁ **ପ୍ରତ୍ୟକ୍ଷ** କୁହାଯାଏ ।

୮୭. **ଅନୁମାନ:** କୌଣସି ପୂର୍ବଦୃଷ୍ଟ ପଦାର୍ଥର ଗୋଟିଏ ଅଂଶକୁ ଦେଖିଲା ପରେ ଅନ୍ୟ ଅଂଶ ବିଷୟରେ ଯେଉଁ ଯଥାର୍ଥ ଜ୍ଞାନ ହୁଏ, ତାହାକୁ **ଅନୁମାନ** କୁହାଯାଏ ।

୮୮. **ଉପମାନ:** କୌଣସି ଜଣେ ଅନ୍ୟ ଜଣକୁ କହିଲାକି, ନୀଳ ଗାଈ ଠିକ୍ ଗାଈ ପରି ଅଟେ ।ଯାହା ସାଦୃଶ୍ୟ ଉପମା ଦ୍ୱାରା ଜାଣିହୁଏ (ଜ୍ଞାନହୁଏ) ତାହାକୁ ଉପମାନ କୁହାଯାଏ ।

୮୯. **ଶବ୍ଦ ପ୍ରମାଣ:** ଯାହା ପୂର୍ଣ୍ଣ ପରମାତ୍ମାଙ୍କର ଏବଂ ପୂର୍ବୋକ୍ତ ଆପ୍ତ ମଣିଷ ମାନଙ୍କର ଉପଦେଶ ଅଟେ, ତାହାକୁ **ଶବ୍ଦ ପ୍ରମାଣ** କୁହାଯାଏ ।

୯୦. **ଐତିହ୍ୟ:** ଯାହା ଶବ୍ଦ ପ୍ରମାଣର ଅନୁକୂଳ ହୋଇଥିବ, ଯେଉଁଠାରେ ଅସମ୍ଭବ ଏବଂ ମିଥ୍ୟା ଲେଖା ହୋଇନଥିବ, ତାହାକୁ **ଐତିହ୍ୟ** (ଇତିହାସ) କୁହାଯାଏ ।

୯୧. **ଅର୍ଥାପତ୍ତି:** ଗୋଟିଏ ବିଷୟ ସମ୍ବନ୍ଧରେ ଥରେ କହିଲା ପରେ ଅନ୍ୟ ବିଷୟ ସମ୍ବନ୍ଧରେ ବିନା କହିବାରେ ମଧ୍ୟ ଯାହା ବୁଝି ହୋଇଥାଏ, ତାହାକୁ **ଅର୍ଥାପତ୍ତି** କୁହାଯାଏ ।

**୯୨. ସମ୍ଭବ:** ଯେଉଁ ବଚନ ପ୍ରମାଣ, ଯୁକ୍ତି ଓ ସୃଷ୍ଟିକ୍ରମ ଯୁକ୍ତ ହୋଇଥିବ ତାହାକୁ **ସମ୍ଭବ** କୁହାଯାଏ ।

**୯୩. ଅଭାବ:** ଜଣେ ଅନ୍ୟ ଜଣକୁ କହିଲାକି, ତୁମେ ପାଣି ଆଣ । ସେହି ଅନ୍ୟ ଜଣକ ଦେଖିଲେକି ତାଙ୍କର ଉପସ୍ଥିତ ଦେଶରେ ପାଣି ନାହିଁ । ଏହାପରେ ଯେଉଁଠାରେ ପାଣି ଅଛି ସେଠାରୁ ଆଣିବା ଉଚିତ । ଏହି ଯେଉଁ ଜ୍ଞାନ ହେଲା, ତାହାକୁ **ଅଭାବ** ପ୍ରମାଣ କୁହାଯାଏ ।

**୯୪. ଶାସ୍ତ୍ର:** ଯାହା ସତ୍ୟ ବିଦ୍ୟା ପ୍ରତିପାଦନ ଯୁକ୍ତ ହୋଇଥିବ, ଯାହାର ଅବଲମ୍ବନରେ ସତ୍ୟ, ସତ୍ୟ ବିଦ୍ୟା ଶିକ୍ଷା ହୋଇପାରୁଥିବ, ତାହାକୁ **ଶାସ୍ତ୍ର** କୁହାଯାଏ ।

**୯୫. ବେଦ:** ଯାହା ଈଶ୍ୱରୋକ୍ତ ସତ୍ୟ ବିଦ୍ୟାଯୁକ୍ତ ଋକ୍ ସଂହିତାଦି ଚାରି ପୁସ୍ତକ ଅଛି, ଯେଉଁଥିରୁ ମନୁଷ୍ୟକୁ ସତ୍ୟସତ୍ୟ ଜ୍ଞାନ ହୁଏ ତାହାକୁ **ବେଦ** କୁହାଯାଏ ।

**୯୬. ପୁରାଣ:** ଯାହା ଋଷି ମୁନିକୃତ ପ୍ରାଚୀନ ଐତରେୟ, ଶତପଥ ବ୍ରାହ୍ମଣାଦି ପୁସ୍ତକ, ତାହାକୁ ପୁରାଣ, ଇତିହାସ, କଳ୍ପ, ଗାଥା, ଓ ନାରାଶଂସୀ କୁହାଯାଏ ।

**୯୭. ଉପବେଦ: ଆୟୁର୍ବେଦ** ବୈଦ୍ୟ ଶାସ୍ତ୍ର, **ଧନୁର୍ବେଦ** ଶସ୍ତ୍ରାସ୍ତ୍ର ବିଦ୍ୟା ରାଜ ଧର୍ମ, **ଗନ୍ଧର୍ବ ବେଦ** ଗାୟନ ଶାସ୍ତ୍ର, ଏବଂ **ଅର୍ଥବେଦ** ଶିଳ୍ପ ଶାସ୍ତ୍ର, ଏହି ଚାରିଟିକୁ ଉପବେଦ କୁହାଯାଏ ।

**୯୮. ବେଦାଙ୍ଗ:** ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଏବଂ ଜ୍ୟୋତିଷ- ଏହି ୬ ଗୋଟି ଆର୍ଷ ସନାତନ ଶାସ୍ତ୍ର ସମୂହକୁ **ବେଦାଙ୍ଗ** କୁହାଯାଏ ।

**୯୯. ଉପାଙ୍ଗ:** ଋଷି ମୁନି କୃତ ମୀମାଂସା, ବୈଶେଷିକ, ନ୍ୟାୟ, ଯୋଗ, ସାଂଖ୍ୟ ଏବଂ ବେଦାନ୍ତ, ଏହି ୬ଗୋଟି ଶାସ୍ତ୍ରକୁ **ଉପାଙ୍ଗ** କୁହାଯାଏ ।

**୧୦୦. ନମସ୍ତେ:** ମୁଁ ଆପଣଙ୍କୁ ସମ୍ମାନ କରୁଛି ।

-୦-

# ଅଥ ସ୍ୱମନ୍ତବ୍ୟାମନ୍ତବ୍ୟପ୍ରକାଶଃ

*(ମହର୍ଷି ଦେବ ଦୟାନନ୍ଦଙ୍କ ଅମର କୃତି ୧୪ ସମୁଲ୍ଲାସ (ଅଧ୍ୟାୟ) ବିଶିଷ୍ଟ କାଳଜୟୀ ଗ୍ରନ୍ଥର ନାମ 'ସତ୍ୟାର୍ଥ ପ୍ରକାଶ' ଅଟେ । ଏଥିରେ ଋଷିବର ନିଜର ମନ୍ତବ୍ୟ ଦେଇଛନ୍ତି- ସଂଗ୍ରାହକ)*

'ସର୍ବତନ୍ତ୍ର ସିଦ୍ଧାନ୍ତ' ଅର୍ଥାତ୍ 'ସାର୍ବଭୌମ ସାର୍ବଜନିକ ଧର୍ମ' ଯାହାକୁ କି ଆବହମାନ କାଳରୁ ସମସ୍ତେ ମାନି ଆସିଛନ୍ତି, ମାନୁଛନ୍ତି ଓ ଭବିଷ୍ୟତରେ ମଧ୍ୟ ମାନିବେ । ଏଇଥିପାଇଁ **ଏହାକୁ 'ସନାତନ ଧର୍ମ' ଅର୍ଥାତ୍ ଚିରନ୍ତନ ଧର୍ମ କୁହାଯାଏ ଯାହାର ମୌଳିକ ସିଦ୍ଧାନ୍ତର କେହି ବିରୋଧୀ ହେବା ସମ୍ଭବ ନୁହେଁ ।** ଅବିଦ୍ୟାଗ୍ରସ୍ତ ଲୋକ ଅଥବା କୌଣସି ସାମ୍ପ୍ରଦାୟିକ ମତଭ୍ରାନ୍ତ ବ୍ୟକ୍ତି ଯଦି ଏହି ଧର୍ମକୁ ଅନ୍ୟଥା ଜାଣେ ବା ମାନେ କି କହେ, ତେବେ ତା'କଥାକୁ କୌଣସି ବୁଦ୍ଧିମାନ୍ ଲୋକ ସ୍ୱୀକାର କରନ୍ତି ନାହିଁ; ବରଂ ଯାହାକୁ **ଆପ୍ତ ଅର୍ଥାତ୍ ସତ୍ୟମାନୀ, ସତ୍ୟବାଦୀ, ପରୋପକାରୀ, ପକ୍ଷପାତରହିତ ବିଦ୍ୱାନଗଣ ମାନନ୍ତି, ତାହା ହିଁ ସମସ୍ତଙ୍କ ପକ୍ଷେ** ମନ୍ତବ୍ୟ ଅର୍ଥାତ୍ ମାନିବା ଯୋଗ୍ୟ ଏବଂ ଯାହାକୁ ମାନନ୍ତି ନାହିଁ ତାହା ଅମନ୍ତବ୍ୟ ଅର୍ଥାତ୍ ମାନିବା ଯୋଗ୍ୟ ନ ହେବା କାରଣରୁ ପ୍ରମାଣ ଯୋଗ୍ୟ ହୋଇପାରେ ନାହିଁ ।

ବେଦାଦି ସତ୍ଶାସ୍ତ୍ରରେ ଏବଂ ବ୍ରହ୍ମାଙ୍କଠାରୁ ଆରମ୍ଭ କରି ଜୈମିନି ମୁନିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦ୍ୱାରା ଯେଉଁ ଈଶ୍ୱରାଦି ପଦାର୍ଥ ସ୍ୱୀକୃତ, ଯେଉଁ ସବୁକୁ ମୁଁ ମଧ୍ୟ ମାନୁଅଛି, ସମସ୍ତ ସଜ୍ଜନ ମହାଶୟଙ୍କ ସମକ୍ଷରେ ବର୍ତ୍ତମାନ ମୁଁ ତାହା ଉପସ୍ଥାପନ କରୁଅଛି ।

ମୁଁ ନିଜ ମନ୍ତବ୍ୟ (ଅଭିମତ) ବୋଲି ତାହାକୁ ଜାଣେ ଯାହାକି ତିନି-କାଳରେ ସମସ୍ତଙ୍କ ପକ୍ଷେ ଏକାଭଳି ମାନିବା ଯୋଗ୍ୟ । କୌଣସି ନବୀନ କଳ୍ପନା

ବା ମତମତାନ୍ତର ପ୍ରଚଳନ କରିବା ମୋର ଲେଶମାତ୍ର ଅଭିପ୍ରାୟ ନାହିଁ; ବରଂ ଯାହା ସତ୍ୟ ତାକୁ ମାନିବା -ମନାଇବା ଏବଂ ଯାହା ଅସତ୍ୟ ତାକୁ ପରିତ୍ୟାଗ କରିବା-କରାଇବା ହିଁ ମୋର ଅଭୀଷ୍ଟ ।

ମୁଁ ଯଦି ପକ୍ଷପାତ କରିଥାନ୍ତି, ତେବେ ଆର୍ଯ୍ୟାବର୍ତ୍ତରେ ପ୍ରଚଳିତ ବିବିଧ ମତ-ମତାନ୍ତର ମଧ୍ୟରୁ କୌଣସି ଏକ ମତର ପକ୍ଷପାତୀ ହୋଇଥାନ୍ତି । କିନ୍ତୁ ଆର୍ଯ୍ୟାବର୍ତ୍ତରେ ହେଉ କିମ୍ବା ଅନ୍ୟ କୌଣସି ଦେଶରେ ହେଉ ଯାହା -ଯାହା ଅଧର୍ମଯୁକ୍ତ ଚାଲିଚଳଣ ଅଛି ମୁଁ ତାକୁ ସ୍ୱୀକାର କରେ ନାହିଁ ଏବଂ ଯେଉଁସବୁ ଧର୍ମାନୁକୂଳ ବିଷୟ ରହିଛି ସେସବୁକୁ ଅଗ୍ରାହ୍ୟ କରେନାହିଁ କି କରିବାକୁ ଚାହୁଁ ନାହିଁ । କାରଣ ଏପରି କରିବା ମନୁଷ୍ୟ ଧର୍ମର ବହିର୍ଭୂତ ।

ମନୁଷ୍ୟ ତାକୁ କୁହାଯିବା ଉଚିତ ଯିଏ ମନନଶୀଳ ହୋଇ ଅନ୍ୟମାନଙ୍କ ସୁଖ-ଦୁଃଖ ଓ ହାନି-ଲାଭକୁ ନିଜ ସୁଖ-ଦୁଃଖ ଓ ହାନି-ଲାଭ ଭଳି ବୁଝେ, ଯିଏ ଅନ୍ୟାୟକାରୀ ବଳବାନକୁ ମଧ୍ୟ ଡରେ ନାହିଁ ଏବଂ ଧର୍ମାତ୍ମା ଦୁର୍ବଳକୁ ମଧ୍ୟ ଭୟ କରେ । କେବଳ ଏତିକି ନୁହେଁ, ବରଂ ନିଜ ସର୍ବସାମର୍ଥ୍ୟ ଉପଯୋଗ କରି ଧର୍ମାତ୍ମାଙ୍କୁ, ସେମାନେ ମହା-ଅନାଥ, ନିର୍ବଳ ଓ ଗୁଣରହିତ ହୋଇଥାନ୍ତୁ ପଛକେ, ସେମାନଙ୍କ ରକ୍ଷା, ଉନ୍ନତି, ପ୍ରିୟାଚରଣ କରେ ଏବଂ ଅଧର୍ମୀ ବ୍ୟକ୍ତି ଚକ୍ରବର୍ତ୍ତୀ, ସୁନାଥ, ମହାବଳବାନ୍ ଓ ଗୁଣବାନ୍ ହୋଇଥିଲେ ସୁଦ୍ଧା ତା'ର ବିନାଶ, ଅବନତି ଓ ଅପ୍ରିୟାଚରଣ ସଦା କରେ । ଅର୍ଥାତ୍ ଯଥାସମ୍ଭବ ଅନ୍ୟାୟକାରୀଙ୍କ ବଳହାନୀ ଓ ନ୍ୟାୟକାରୀଙ୍କ ବଳବୃଦ୍ଧି ସର୍ବଥା କରିବାକୁ ତତ୍ପର ଥାଏ । ଏହି କାର୍ଯ୍ୟ ପାଇଁ ତାକୁ ଯେତେ ଦାରୁଣ ଦୁଃଖ ପ୍ରାପ୍ତ ହେଉ, ଏପରିକି ପ୍ରାଣ ବି ଚାଲିଯାଉ ପଛକେ, ତଥାପି ଏହି ମଣିଷପଣିଆ ରୂପକ ଧର୍ମରୁ କଦାପି ଦୂରେଇ ଯାଏନାହିଁ । ଏ ସମ୍ପର୍କରେ ମହାରାଜ ଭର୍ତ୍ତୃହରି, ମହର୍ଷି ବ୍ୟାସ ଓ ମନୁ ମହାରାଜ ଆଦି ଶ୍ଳୋକ ଲେଖିଛନ୍ତି । ଉପଯୁକ୍ତ ମନେକରି ସେଥିରୁ କେତେକ ଏଠାରେ ଉଲ୍ଲେଖ କରୁଛି -

ନିନ୍ଦନ୍ତୁ ନୀତିନିପୁଣା ଯଦି ବା ସ୍ତୁବନ୍ତୁ,
ଲକ୍ଷ୍ମୀଃ ସମାବିଶତୁ ଗଚ୍ଛତୁ ବା ଯଥେଷ୍ଟମ୍ ।

ଅଦ୍ୟୈବ ବା ମରଣମସ୍ତୁ ଯୁଗାନ୍ତରେ ବା
ନ୍ୟାୟତ୍ପଥଃ ପ୍ରବିଚଲନ୍ତି ପଦଂ ନ ଧୀରାଃ ॥ (ନୀତି ୮୫)

ନ ଜାତୁ କାମାନ୍ନ ଭୟାନ୍ନ ଲୋଭାଦ୍
ଧର୍ମଂ ତ୍ୟଜେଜ୍ଜୀବିତସ୍ୟାପି ହେତୋଃ ।
ଧର୍ମୋ ନିତ୍ୟଃ ସୁଖଦୁଃଖେ ତ୍ୱିନିତ୍ୟେ
ଜୀବୋ ନିତ୍ୟୋ ହେତୁରସ୍ୟ ତ୍ୱନିତ୍ୟଃ ॥୨॥
(ମହାଭାରତ, ଉଦ୍ୟୋଗପର୍ବ, ପ୍ରଜାଗର ପର୍ବ, ୪୦:୧୧-୧୨)

ଏକ ଏବ ସୁହୃଦ୍ଧର୍ମୋ ନିଧନେଽପ୍ୟନୁୟାତି ଯଃ ।
ଶରୀରେଣ ସମଂ ନାଶଂ ସର୍ବମନ୍ୟଦ୍ଧି ଗଚ୍ଛତି ॥୩॥ (ମନୁ ୮:୧୭)

ସତ୍ୟମେବ ଜୟତେ ନାନୃତଂ
ସତ୍ୟେନ ପନ୍ଥା ବିତତୋ ଦେବୟାନଃ ।
ୟେନାଽଽକ୍ରମନ୍ତ୍ୟୃଷୟୋ ହ୍ୟାପ୍ତକାମା ୟତ୍ର
ତତ୍ ସତ୍ୟସ୍ୟ ପରମଂ ନିଧାନମ୍ ॥୪॥ (ମୁଣ୍ଡକ, ୩:୧:୬)

ନ ହି ସତ୍ୟାତ୍ପରୋ ଧର୍ମୋ ନାନୃତାତ୍ପାତକଂ ପରମ୍ ।
ନହି ସତ୍ୟାତ୍ପରଂ ଜ୍ଞାନଂ ତସ୍ମାତ୍ସତ୍ୟଂ ସମାଚରେତ୍ ॥୫॥
(ମହା, ଶାନ୍ତି, ୧୬୨:୨୪)

ଏ ମହାନୁଭବଙ୍କ ଶ୍ଳୋକର ଅଭିପ୍ରାୟର ଅନୁକୂଳ ସ୍ୱ ବିଚାର-ସିଦ୍ଧାନ୍ତ ରଖିବା ସମସ୍ତଙ୍କ ପକ୍ଷେ କର୍ତ୍ତବ୍ୟ ।

ମୁଁ ଯେଉଁ - ଯେଉଁ ପଦାର୍ଥକୁ ଯେପରି ଭାବେ ମାନୁଛି, ସେସବୁର ବର୍ଣ୍ଣନା ସଂକ୍ଷେପରେ ବର୍ତ୍ତମାନ ଏଠାରେ କରୁଛି । ଏସବୁର ବିସ୍ତୃତ ବ୍ୟାଖ୍ୟା ଏହି ଗ୍ରନ୍ଥରେ ସେହି ସେହି ପ୍ରକରଣରେ କରିଦେଇଛି । ସେସବୁ ହେଉଛି -

**୧. ଈଶ୍ୱର -** ଯାହାଙ୍କୁ କି ବ୍ରହ୍ମ, ପରମାତ୍ମା ଆଦି ନାମରେ କହନ୍ତି; ଯିଏ କି ସଚ୍ଚିଦାନନ୍ଦ- ଆଦି ଲକ୍ଷଣଯୁକ୍ତ; ଯାହାଙ୍କ ଗୁଣ, କର୍ମ, ସ୍ୱଭାବ ପବିତ୍ର; ଯିଏ ସର୍ବଜ୍ଞ, ନିରାକାର, ସର୍ବବ୍ୟାପକ, ଅଜନ୍ମା, ଅନନ୍ତ, ସର୍ବଶକ୍ତିମାନ୍,

ଦୟାଳୁ, ନ୍ୟାୟକାରୀ, ସକଳ ସୃଷ୍ଟିର କର୍ତ୍ତା-ଧର୍ତ୍ତା-ହର୍ତ୍ତା, ସମସ୍ତ ଜୀବଙ୍କୁ କର୍ମାନୁସାରେ ସତ୍ୟ-ନ୍ୟାୟପୂର୍ବକ ଫଳଦାତା ଆଦି ଲକ୍ଷଣଯୁକ୍ତ; ତାହାଙ୍କୁ ମୁଁ ପରମେଶ୍ୱର ବୋଲି ମାନୁଛି ।

**୨. ଚତୁର୍ବେଦ:** ଚାରି ବେଦ ଅର୍ଥାତ୍ ବିଦ୍ୟା-ଧର୍ମ-ଯୁକ୍ତ, ଈଶ୍ୱରପ୍ରଣୀତ ସଂହିତା-ମନ୍ତ୍ରଭାଗକୁ ନିର୍ଭ୍ରାନ୍ତ, ସ୍ୱତଃପ୍ରମାଣ ବୋଲି ମାନୁଛି ଅର୍ଥାତ୍ ଯିଏ କି ସ୍ୱୟଂ ପ୍ରାମାଣିକ ଯେ ଯାହାର ପ୍ରାମାଣିକତା ପାଇଁ ଅନ୍ୟ କୌଣସି ଗ୍ରନ୍ଥର ଅପେକ୍ଷା, ଆବଶ୍ୟକତା ନାହିଁ । ଯେଉଁପରି ସୂର୍ଯ୍ୟ ବା ପ୍ରଦୀପ ସ୍ୱୟଂ ସ୍ୱ ସ୍ୱରୂପର ସ୍ୱତଃ ପ୍ରକାଶକ ଏବଂ ପୃଥିବୀ ଆଦିର ମଧ ପ୍ରକାଶକ ଅଟନ୍ତି, ସେହିପରି ଚାରି ବେଦ ଅଟନ୍ତି । ପୁଣି ଚାରି ବେଦର ବ୍ରାହ୍ମଣ, ଛଅ ଅଙ୍ଗ, ଛଅ ଉପାଙ୍ଗ, ଚାରି ଉପବେଦ ଏବଂ ବେଦର ୧୧୨୭ ଶାଖା ଯାହାକି ବେଦର ବ୍ୟାଖ୍ୟାନରୂପକ ବ୍ରହ୍ମାଦି ମହର୍ଷିଙ୍କ ଚରିତ ଗ୍ରନ୍ଥ, ସେସବୁକୁ ପରତଃପ୍ରମାଣ ଅର୍ଥାତ୍ ଯେତିକି ଅଂଶ ବେଦର ଅନୁକୂଳ ତାହାକୁ ପ୍ରମାଣ ଏବଂ ସେସବୁରେ ଥିବା ବିଷୟରୁ ଯାହା ବେଦବିରୁଦ୍ଧ ସେସବୁକୁ ଅପ୍ରାମାଣିକ ବୋଲି ସ୍ୱୀକାର କରୁଛି ।

**୩. ଧର୍ମ-ଅଧର୍ମ:** ଯାହା ପକ୍ଷପାତ-ରହିତ, ନ୍ୟାୟାଚରଣ-ସତ୍ୟଭାଷଣାଦି -ଯୁକ୍ତ, ଈଶ୍ୱରାଜ୍ଞା ବେଦର ଅବିରୁଦ୍ଧ ତାହାକୁ 'ଧର୍ମ' ଏବଂ ଯାହା ପକ୍ଷପାତପୂର୍ଣ୍ଣ, ଅନ୍ୟାୟାଚରଣ, ମିଥ୍ୟାଭାଷଣାଦି ଈଶ୍ୱରାଜ୍ଞା-ଭଙ୍ଗ ବେଦବିରୁଦ୍ଧ ତାହାକୁ 'ଅଧର୍ମ' ବୋଲି ମାନୁଛି ।

**୪. ଜୀବ :** ଯିଏ ଇଚ୍ଛା-ଦ୍ୱେଷ, ସୁଖ-ଦୁଃଖ ଓ ଜ୍ଞାନାଦି ଗୁଣସମ୍ପନ୍ନ, ଅଳ୍ପଜ୍ଞ, ନିତ୍ୟ ସତ୍ତା, ତାକୁ 'ଜୀବ' ବୋଲି ମାନୁଛି ।

**୫. ଜୀବ ଓ ଈଶ୍ୱର:** ସ୍ୱରୂପ ଓ ବୈଧର୍ମ୍ୟ କାରଣରୁ ଜୀବ ଓ ଈଶ୍ୱର ଭିନ୍ନ-ଭିନ୍ନ । ଏବଂ ବ୍ୟାପ୍ୟବ୍ୟାପକ ସମ୍ବନ୍ଧ ଓ ସାଧର୍ମ୍ୟ ଦୃଷ୍ଟିରୁ ଉଭୟେ ଅଭିନ୍ନ ଅର୍ଥାତ୍ ଯେଉଁପରି ଆକାଶଠାରୁ କୌଣସି ମୂର୍ତ୍ତିମାନ୍ ଦ୍ରବ୍ୟ କେବେ ବି ଅଲଗା ହୋଇ ରହିନଥିଲା, ନା ଏବେ ଅଛି, ନା ଭବିଷ୍ୟତରେ ରହିବ ଏବଂ ନା କେବେ ଏକ ହୋଇଥିଲା, ନା ଏବେ ଅଛି, ନା ଭବିଷ୍ୟତରେ ଏକ

ହୋଇଯିବ । ଏହିଭଳି ପରମେଶ୍ୱର ଓ ଜୀବକୁ ବ୍ୟାପକ-ବ୍ୟାପ୍ୟ, ଉପାସ୍ୟ-ଉପାସକ ଓ ପିତା-ପୁତ୍ରବତ୍ ଆଦି ସମ୍ବନ୍ଧଯୁକ୍ତ ବୋଲି ମାନେ ।

୬. **ଅନାଦି ପଦାର୍ଥ:** ଅନାଦି ପଦାର୍ଥ ତିନୋଟି - ୧. ଈଶ୍ୱର, ୨. ଜୀବ, ୩. ପ୍ରକୃତି ଅର୍ଥାତ୍ ଜଗତର ଉପାଦାନ କାରଣ । ଏ ତିନୋଟିକୁ ନିତ୍ୟ ପଦାର୍ଥ ବି କହନ୍ତି । ନିତ୍ୟ ପଦାର୍ଥର ଗୁଣ, କର୍ମ, ସ୍ୱଭାବ ମଧ୍ୟ ନିତ୍ୟ ହୋଇଥାଏ ।

୭. **ପ୍ରବାହତଃ ଅନାଦି:** ସଂଯୋଗ କାରଣରୁ ଯେଉଁ ଦ୍ରବ୍ୟ, ଗୁଣ, କର୍ମ ଉତ୍ପନ୍ନ ହୁଏ ବିଯୋଗ ପରେ ସେସବୁ ରହେନାହିଁ । କିନ୍ତୁ ଯାହା ଯୋଗୁଁ ପ୍ରଥମେ ସଂଯୋଗ ହୁଏ ସେହି ସାମର୍ଥ୍ୟ ସେଗୁଡ଼ିକ ମଧ୍ୟରେ ଅନାଦି ଅଟେ ଏବଂ ତଦ୍ୱାରା ପୁନରପି ସଂଯୋଗ ହେବ ତଥା ବିଯୋଗ ମଧ୍ୟ ହେବ । ଅତଃ ଜୀବର କର୍ମ, କାର୍ଯ୍ୟଜଗତ ଓ ସଂଯୋଗ-ବିଯୋଗ-ଏ ତିନୋଟିକୁ ପ୍ରବାହତଃ ଅନାଦି ମାନୁଛି ।

୮. **ସୃଷ୍ଟି:** ଭିନ୍ନ-ଭିନ୍ନ ମୌଳିକ ଦ୍ରବ୍ୟ ଜ୍ଞାନ ଓ ନିୟମପୂର୍ବକ ମିଶି ନାନାରୂପ ଦ୍ରବ୍ୟରେ ପରିଣତ ହେବାକୁ 'ସୃଷ୍ଟି' କୁହାଯାଏ ।

୯. **ସୃଷ୍ଟିର ପ୍ରୟୋଜନ:** ସୃଷ୍ଟି ନିମିତ୍ତ ଈଶ୍ୱରଙ୍କର ଥିବା ଗୁଣ, କର୍ମ, ସ୍ୱଭାବର ସଫଳ ହେବା ହେଲା ସୃଷ୍ଟିର ପ୍ରୟୋଜନ ।

୧୦. **ସୃଷ୍ଟି ସକର୍ତ୍ତୃକ:** ସୃଷ୍ଟି ସକର୍ତ୍ତୃକ ଅଟେ । ଈଶ୍ୱର ଏହାର କର୍ତ୍ତା । କାରଣ ସୃଷ୍ଟିର ରଚନା କୌଶଳକୁ ଅବଲୋକନ କଲେ ତା'ପଛରେ ଯେଉଁ ଜ୍ଞାନ-ବୁଦ୍ଧିମତ୍ତା ଦେଖାଯାଏ, ଜଡ଼ ପଦାର୍ଥର ଆପେ-ଆପେ ଯଥାଯୋଗ୍ୟ ଜୀବାଦି ସ୍ୱରୂପରେ ପରିଣତ ହେବାର ସାମର୍ଥ୍ୟ ନ ଥିବା କାରଣରୁ, ଜଣାଯାଏ ଯେ ସୃଷ୍ଟିର ଜଣେ 'କର୍ତ୍ତା' ଅବଶ୍ୟ ଅଛନ୍ତି ।

୧୧. **ବନ୍ଧନ:** ଜୀବାତ୍ମାର ବନ୍ଧନ ସନିମିତ୍ତ, ସକାରଣ ଅର୍ଥାତ୍ ଅବିଦ୍ୟାଦି କାରଣରୁ ହୋଇଥାଏ । ଯାହା-ଯାହା ପାପ-କର୍ମ, ଈଶ୍ୱରଙ୍କ ଭିନ୍ନ ଅନ୍ୟର ଉପାସନା, ଅଜ୍ଞାନ ଇତ୍ୟାଦି-ଏସବୁ ଦୁଃଖଫଳଦାୟକ । ଏହାକୁ ଏଇଥିପାଇଁ 'ବନ୍ଧନ' କୁହାଯାଏ, କାରଣ ଜୀବାତ୍ମା ଏ ଫଳ ଭୋଗ କରିବାକୁ ଇଚ୍ଛା କରେ ନାହିଁ ଅଥଚ ତାକୁ ଭୋଗିବାକୁ ବାଧ୍ୟ ହୋଇଥାଏ ।

**୧୨. ମୁକ୍ତି:** ସମସ୍ତ ଦୁଃଖରୁ ଉଦ୍ଧାର ପାଇ ବନ୍ଧନରହିତ ହୋଇ, ସର୍ବବ୍ୟାପକ ଈଶ୍ୱର ଓ ତାହାଙ୍କ ସୃଷ୍ଟିରେ ସ୍ୱେଚ୍ଛାପୂର୍ବକ ବିଚରଣ କରିବାକୁ ମୁକ୍ତି କୁହାଯାଏ । ନିୟତ ସମୟ ପର୍ଯ୍ୟନ୍ତ ମୁକ୍ତିର ଆନନ୍ଦ ଭୋଗ କରି ପୁନଃ ସଂସାରରେ ଜନ୍ମଗ୍ରହଣ କରିବାକୁ ପଡିଥାଏ ।

**୧୩. ମୁକ୍ତିର ସାଧନ:** ଈଶ୍ୱରୋପାସନା ଅର୍ଥାତ୍ ଯୋଗାଭ୍ୟାସ, ଧର୍ମାନୁଷ୍ଠାନ, ବ୍ରହ୍ମଚର୍ଯ୍ୟ ପୂର୍ବକ ବିଦ୍ୟାପ୍ରାପ୍ତି, ଆପ୍ତ ବିଦ୍ୱାନଙ୍କ ସଙ୍ଗ, ସଦ୍‌ବିଦ୍ୟା, ସୁବିଚାର ଓ ପୁରୁଷାର୍ଥ ଆଦି ମୁକ୍ତିର ସାଧନ ଅଟେ ।

**୧୪. ଅର୍ଥ:** ଯାହାକୁ ଧର୍ମ ମାର୍ଗରେ ହିଁ ପ୍ରାପ୍ତ (ଉପାର୍ଜନ) କରାଯାଏ ତାକୁ 'ଅର୍ଥ' କହନ୍ତି । ଏବଂ ଯାହା ଅଧର୍ମ ମାର୍ଗରେ ଉପାର୍ଜନ କରାଯାଏ ତାକୁ 'ଅନର୍ଥ' କୁହାଯାଏ ।

**୧୫. କାମ:** ଧର୍ମ ମାର୍ଗରେ ଓ ସନ୍‌ମାର୍ଗୋପାର୍ଜିତ ଧନରେ ଯେଉଁ ସୁଖ ଲାଭ କରାଯାଏ ତାହା 'କାମ' ଅଟେ ।

**୧୬. ବର୍ଣ୍ଣାଶ୍ରମ:** ମନୁଷ୍ୟର ଗୁଣ-କର୍ମ ଆଧାରରେ ତାହାର ବର୍ଣ୍ଣ-ଆଶ୍ରମ ନିରୂପିତ ହୁଏ ।

**୧୭. ରାଜା:** ଯିଏ ଶୁଭ ଗୁଣ-କର୍ମ -ସ୍ୱଭାବରେ ପ୍ରକାଶମାନ, ପକ୍ଷପାତରହିତ, ନ୍ୟାୟ-ଧର୍ମସେବୀ, ପ୍ରଜାଙ୍କ ପାଖରେ ପିତୃବତ୍ ଆଚରଣକାରୀ ଅର୍ଥାତ୍ ପ୍ରଜାଙ୍କୁ ସନ୍ତାନ ଭଳି ମାନି ସେମାନଙ୍କ ଉନ୍ନତି ଓ ସୁଖ-ସମୃଦ୍ଧି ବୃଦ୍ଧି କରିବାରେ ସଦା ପ୍ରଯତ୍ନଶୀଳ, ତାଙ୍କୁ ରାଜା କୁହାଯାଏ ।

**୧୮.ପ୍ରଜା:** ଯିଏ ପବିତ୍ର ଗୁଣ, କର୍ମ, ସ୍ୱଭାବ ଧାରଣ କରି ପକ୍ଷପାତରହିତ, ନ୍ୟାୟଧର୍ମ ସେବନ ଦ୍ୱାରା ରାଜା ଓ ପ୍ରଜା ଉଭୟଙ୍କ ଉନ୍ନତି କାମନା କରେ, ରାଜବିଦ୍ରୋହ-ରହିତ, ରାଜାଙ୍କ ନିକଟରେ ପୁତ୍ରବତ୍ ବ୍ୟବହାର କରେ ତାକୁ ପ୍ରଜା କୁହାଯାଏ ।

**୧୯. ନ୍ୟାୟକାରୀ:** ଯିଏ ସର୍ବଦା ବିଚାର କରି ଅସତ୍ୟକୁ ପରିହାର ପୂର୍ବକ ସତ୍ୟକୁ ଗ୍ରହଣ କରେ, ଅନ୍ୟାୟକାରୀଙ୍କୁ ହଟାଏ ଏବଂ ନ୍ୟାୟକାରୀଙ୍କୁ ବର୍ଦ୍ଧନ କରେ, ସ୍ୱ ଆତ୍ମା ସମ ସମସ୍ତଙ୍କ ସୁଖ ଚାହେଁ, ତାକୁ 'ନ୍ୟାୟକାରୀ' ବୋଲି ମାନୁଛି ।

**୨୦. ଦେବ:** ବିଦ୍ୱାନ୍‌ଙ୍କୁ 'ଦେବ', ଅବିଦ୍ୱାନଙ୍କୁ 'ଅସୁର', ପାପୀଙ୍କୁ 'ରାକ୍ଷସ', ଅନାଚାରୀଙ୍କୁ 'ପିଶାଚ' ବୋଲି ମାନୁଛି ।

**୨୧. ଦେବପୂଜା:** ବିଦ୍ୱାନ, ମାତା, ପିତା, ଆଚାର୍ଯ୍ୟ, ଅତିଥି, ନ୍ୟାୟକାରୀ ରାଜା, ଧର୍ମାତ୍ମା ବ୍ୟକ୍ତି, ପତିବ୍ରତା ସ୍ତ୍ରୀ, ପତ୍ନୀବ୍ରତ ପତି - ଏମାନଙ୍କୁ ସତ୍କାର କରିବାକୁ 'ଦେବପୂଜା' କୁହାଯାଏ । ଏହାର ବିପରୀତ କର୍ମ 'ଅଦେବପୂଜା' । ଏସବୁ ମୂର୍ତ୍ତିମାନଙ୍କ ପୂଜା କର୍ତ୍ତବ୍ୟ ଏବଂ ଏମାନଙ୍କ ବ୍ୟତୀତ ଇତର ଜଡ଼, କାଷ୍ଠ-ପାଷାଣ ପ୍ରଭୃତି ମୂର୍ତ୍ତି ସର୍ବଥା ଅପୂଜ୍ୟ ।

**୨୨. ଶିକ୍ଷା:** ଯାହାଦ୍ୱାରା ବିଦ୍ୟା, ସଭ୍ୟତା, ଧାର୍ମିକତା, ଜିତେନ୍ଦ୍ରିୟତା ପ୍ରଭୃତି ବୃଦ୍ଧି ପାଏ ଏବଂ ଅବିଦ୍ୟାଦି ଦୋଷ (ମିଥ୍ୟାଜ୍ଞାନ) ଦୂର ହୁଏ, ତାକୁ 'ଶିକ୍ଷା କୁହାଯାଏ ।

**୨୩. ପୁରାଣ:** ବ୍ରହ୍ମା ଆଦିଙ୍କ ଦ୍ୱାରା ଯେଉଁ 'ଐତରେୟ' ଆଦି ବ୍ରାହ୍ମଣ ଗ୍ରନ୍ଥ ଅଛି, ସେସବୁକୁ ପୁରାଣ, ଇତିହାସ, କଳ୍ପ, ଗାଥା ଓ ନାରାଶଂସୀ ନାମରେ ସ୍ୱୀକାର କରୁଛି, ଅନ୍ୟ 'ଭାଗବତ' ଆଦିକୁ ନୁହେଁ ।

**୨୪. ତୀର୍ଥ:** ଯାହାଦ୍ୱାରା ଦୁଃଖସାଗରରୁ ଉଦ୍ଧାର ପାଇହୁଏ; ଯଥା - ସତ୍ୟଭାଷଣ, ବିଦ୍ୟା, ସତ୍‌ସଙ୍ଗ, ଯମନିୟମାଦି ଯୋଗାଭ୍ୟାସ, ପୁରୁଷାର୍ଥ, ବିଦ୍ୟାଦାନ ପ୍ରଭୃତି ଶୁଭ କର୍ମ-ଏସବୁକୁ ତୀର୍ଥ ବୋଲି ମାନୁଛି । ଜଳସ୍ଥଳ ବିଶେଷ ତୀର୍ଥ ନୁହେଁ ।

**୨୫. ପୁରୁଷାର୍ଥ ଓ ପ୍ରାରବ୍ଧ:** ପ୍ରାରବ୍ଧ ଅପେକ୍ଷା ପୁରୁଷାର୍ଥ ବଡ଼ । କାରଣ ପୁରୁଷାର୍ଥ ଦ୍ୱାରା ସଞ୍ଚିତ ପ୍ରାରବ୍ଧ ତିଆରି ହୁଏ । ପୁରୁଷାର୍ଥ ସୁଧୁରିଲେ ସବୁ ସୁଧୁରିଯାଏ ଏବଂ ଏହା ବିଗିଡ଼ିଲେ ସବୁ ବିଗିଡ଼ିଯାଏ । ଏଣୁ ପ୍ରାରବ୍ଧ ଅପେକ୍ଷା ପୁରୁଷାର୍ଥ ବଡ଼ ।

**୨୬. ମନୁଷ୍ୟ:** ମଣିଷ ସମସ୍ତଙ୍କ ସହ ଯଥାଯୋଗ୍ୟ, ସ୍ୱ-ଆତ୍ମବତ୍ ସୁଖ-ଦୁଃଖ, ହାନି-ଲାଭରେ ବ୍ୟବହାର କରିବା ଶ୍ରେଷ୍ଠ ଅଟେ । ଏହାର ଅନ୍ୟଥା ଆଚରଣ କରିବା ଖରାପ ଅଟେ ।

**୨୭. ସଂସ୍କାର:** ଯାହା ଦ୍ୱାରା ଶରୀର, ମନ ଓ ଆତ୍ମା ଉତ୍ତମ ହୁଏ ତାହାକୁ ସଂସ୍କାର କୁହାଯାଏ । ଏହା ଗର୍ଭାଧାନ ଠାରୁ ଆରମ୍ଭ କରି ଅନ୍ତ୍ୟେଷ୍ଟି ପର୍ଯ୍ୟନ୍ତ ମୋଟ ୧୬ଟି । ମୁଁ ଏହାକୁ କରଣୀୟ ବୋଲି ସ୍ୱୀକାର କରୁଛି । ଦାହ ସଂସ୍କାର ପରେ ମୃତକ ନିମନ୍ତେ କିଛି କରିବା ଅନୁଚିତ ।

**୨୮. ଯଜ୍ଞ:** ଯେଉଁଥିରେ ବିଦ୍ୱାନଙ୍କ ସତ୍କାର; ଶିଳ୍ପ ଅର୍ଥାତ୍ ରସାୟନ ବା 'ପଦାର୍ଥବିଦ୍ୟା'ର ଯଥାଯୋଗ୍ୟ ଉପଯୋଗ; ବିଦ୍ୟାଦି ଶୁଭଗୁଣଗୁଡ଼ିକର ଦାନ; ଅଗ୍ନିହୋତ୍ର ଆଦି ଯଦ୍ଦ୍ୱାରା କି ବାୟୁ, ବୃଷ୍ଟି, ଜଳ,ଔଷଧିର ପବିତ୍ରତା ସମ୍ପାଦନ କରି ସକଳ ଜୀବଙ୍କୁ ସୁଖ ପହୁଞ୍ଚାଯାଏ, ତାହାକୁ 'ଯଜ୍ଞ' କୁହାଯାଏ । ମୁଁ ଏହାକୁ ଅତ୍ୟୁତ୍ତମ କର୍ମ ବୋଲି ସ୍ୱୀକାର କରୁଛି ।

**୨୯. ଆର୍ଯ୍ୟ ଓ ଦସ୍ୟୁ:** ଶ୍ରେଷ୍ଠ ବ୍ୟକ୍ତିଙ୍କୁ 'ଆର୍ଯ୍ୟ' ଓ ଦୁଷ୍ଟ ଲୋକଙ୍କୁ 'ଦସ୍ୟୁ' କହନ୍ତି ।

**୩୦. ଆର୍ଯ୍ୟାବର୍ତ୍ତ:** ଏ ଦେଶର ନାମ ଆର୍ଯ୍ୟାବର୍ତ୍ତ । କାରଣ ସୃଷ୍ଟି ଆରମ୍ଭରୁ ଆର୍ଯ୍ୟମାନେ ଏହି ଦେଶରେ ବାସ କରିଆସୁଛନ୍ତି । ଏହାର ପରିସୀମା ହେଉଛି **ଉତ୍ତରରେ 'ହିମାଳୟ', ଦକ୍ଷିଣରେ 'ବିନ୍ଧ୍ୟାଞ୍ଚଳ', ପଶ୍ଚିମରେ 'ଅଟକ' ଓ ପୂର୍ବରେ 'ବ୍ରହ୍ମପୁତ୍ର' ନଦୀ** । ଏହି ଚାରୋଟିର ମଧ୍ୟବର୍ତ୍ତୀ ଅଞ୍ଚଳରେ ଯେତିକି ସ୍ଥାନ ରହିଛି ତାକୁ **'ଆର୍ଯ୍ୟାବର୍ତ୍ତ'** କହନ୍ତି । ଯେଉଁମାନେ ଏହି ଦେଶରେ ବସବାସ କରିଆସୁଛନ୍ତି ସେମାନଙ୍କୁ ମଧ୍ୟ **'ଆର୍ଯ୍ୟ'** କହନ୍ତି ।

**୩୧. ଆଚାର୍ଯ୍ୟ:** ଯିଏ ସାଙ୍ଗୋପାଙ୍ଗ 'ବେଦବିଦ୍ୟା'ର ଅଧ୍ୟାପକ, ସତ୍ୟାଚାରର ଗ୍ରହଣ ଓ ମିଥ୍ୟାଚାର ଦୂର କରାନ୍ତି, ତାଙ୍କୁ **'ଆଚାର୍ଯ୍ୟ'** କୁହାଯାଏ ।

**୩୨. ଶିଷ୍ୟ:** ଯିଏ ସତ୍‌ଶିକ୍ଷା ଓ ବିଦ୍ୟା ଗ୍ରହଣ କରିବାକୁ ଯୋଗ୍ୟ, ଧର୍ମାତ୍ମା, ବିଦ୍ୟାଗ୍ରହଣ କରିବାକୁ ଇଚ୍ଛୁକ ଓ ଆଚାର୍ଯ୍ୟଙ୍କ ପ୍ରିୟ ଆଚରଣକାରୀ ତାକୁ **'ଶିଷ୍ୟ'** କହନ୍ତି ।

**୩୩. ଗୁରୁ:** ମାତା, ପିତା ଓ ଆଚାର୍ଯ୍ୟ ଏ ତିନିହେଁ ଗୁରୁ ଅଟନ୍ତି । ଏତଦ୍‌ବ୍ୟତୀତ ଯିଏ ସତ୍ୟର ଗ୍ରହଣ କରାନ୍ତି ଓ ଅସତ୍ୟ ଦୂର କରାନ୍ତି ତାଙ୍କୁ ମଧ୍ୟ **'ଗୁରୁ'** କୁହାଯାଏ ।

୩୪. **ପୁରୋହିତ:** ଯିଏ ଯଜମାନର ହିତକାରୀ, ସତ୍ୟୋପଦେଷ୍ଟା ତାଙ୍କୁ **ପୁରୋହିତ** କହନ୍ତି ।

୩୫. **ଉପାଧ୍ୟାୟ:** ଯିଏ ବେଦର ଏକଦେଶ ବା ଅଙ୍ଗକୁ ପଢ଼ାନ୍ତି ତାଙ୍କୁ **ଉପାଧ୍ୟାୟ** କହନ୍ତି ।

୩୬. **ଶିଷ୍ଟାଚାର:** ଧର୍ମାଚରଣ ପୂର୍ବକ ବ୍ରହ୍ମଚର୍ଯ୍ୟ ଦ୍ୱାରା ବିଦ୍ୟାଗ୍ରହଣ କରି, ପ୍ରତ୍ୟକ୍ଷାଦି ପ୍ରମାଣ ଦ୍ୱାରା ସତ୍ୟାସତ୍ୟ ନିରୂପଣ କରି, ସତ୍ୟଗ୍ରହଣ ଓ ଅସତ୍ୟ ପରିତ୍ୟାଗ କରିବା ଶିଷ୍ଟାଚାର ଅଟେ । ଏହି ଆଚରଣକାରୀଙ୍କୁ **'ଶିଷ୍ଟ'** କୁହାଯାଏ ।

୩୭. **ପ୍ରମାଣ:** ପ୍ରତ୍ୟକ୍ଷ ଆଦି ଯେଉଁ ଆଠ 'ପ୍ରମାଣ' ରହିଛି, ମୁଁ ତାକୁ ସ୍ୱୀକାର କରୁଛି ।

୩୮. **ଆପ୍ତ:** ଯିଏ ଯଥାର୍ଥ ବକ୍ତା, ଧର୍ମାତ୍ମା, ସମସ୍ତଙ୍କ ସୁଖ ପାଇଁ ପ୍ରଯତ୍ନଶୀଳ, ତାଙ୍କୁ **'ଆପ୍ତ'** ବୋଲି ମାନୁଅଛି ।

୩୯. **ପରୀକ୍ଷା:** ପରୀକ୍ଷା ୫ଟି ଦ୍ୱାରା କରାଯାଏ । ୧. ଈଶ୍ୱର, ତାଙ୍କ ଗୁଣ-କର୍ମ-ସ୍ୱଭାବ ଓ ବେଦବିଦ୍ୟା, ୨. ପ୍ରତ୍ୟକ୍ଷାଦି ୮ପ୍ରମାଣ, ୩.ସୃଷ୍ଟିନିୟମ, ୪. ଆପ୍ତଙ୍କ ବ୍ୟବହାର ଏବଂ ୫. ସ୍ୱ-ଆତ୍ମାର ପବିତ୍ରତା ଓ ବିଦ୍ୟା । ଏହି ୫ ପ୍ରକାରେ ପରୀକ୍ଷା ଦ୍ୱାରା ସତ୍ୟାସତ୍ୟର ନିର୍ଣ୍ଣୟ କରି ସତ୍ୟଗ୍ରହଣ ଓ ଅସତ୍ୟ ପରିତ୍ୟାଗ କରିବା ବିଧେୟ ।

୪୦. **ପରୋପକାର:** ଯାହାଦ୍ୱାରା ସକଳ ମନୁଷ୍ୟଙ୍କ ଦୂରାଚାର -ଦୁଃଖ ଦୂର ହୁଏ, ଶ୍ରେଷ୍ଠାଚାର ଓ ସୁଖ ବୃଦ୍ଧିପାଏ; ତାହା କରିବାକୁ **'ପରୋପକାର'** ବୋଲି ମାନୁଛି ।

୪୧. **ସ୍ୱତନ୍ତ୍ର ଓ ପରତନ୍ତ୍ର:** ଜୀବ ନିଜ କର୍ମ କରିବାରେ ସ୍ୱତନ୍ତ୍ର ଓ କର୍ମଫଳ ଭୋଗ କରିବାରେ ଈଶ୍ୱରଙ୍କ ବ୍ୟବସ୍ଥାନୁସାରେ ପରତନ୍ତ୍ର । ସେହିପରି ଈଶ୍ୱର ନିଜର ସତ୍ୟାଚରଣ ଆଦି କର୍ମ କରିବାରେ ସ୍ୱତନ୍ତ୍ର ।

୪୨.**ସ୍ୱର୍ଗ:** ସୁଖ-ବିଶେଷ ଭୋଗ ଓ ତା'ର ସାମଗ୍ରୀ ପ୍ରାପ୍ତିକୁ **ସ୍ୱର୍ଗ** କହନ୍ତି ।

**୪୩. ନର୍କ:** ଦୁଃଖ-ବିଶେଷ ଭୋଗ ଓ ତା'ର ସାମଗ୍ରୀ ପ୍ରାପ୍ତିକୁ **ନର୍କ** କୁହାଯାଏ ।

**୪୪. ଜନ୍ମ:** ଶରୀର-ଧାରଣ କରି ପ୍ରକଟ ହେବାକୁ ଜନ୍ମ କୁହାଯାଏ । ପୂର୍ବ, ପର ଓ ମଧ୍ୟ ଭେଦରେ ତିନି ପ୍ରକାର ଜନ୍ମ ସ୍ୱୀକାର କରୁଛି ।

**୪୫. ଜନ୍ମ-ମୃତ୍ୟୁ:** ଆତ୍ମା ସହ ଶରୀରର ସଂଯୋଗର ନାମ '**ଜନ୍ମ**' ଓ ବିଯୋଗର ନାମ '**ମୃତ୍ୟୁ**' ।

**୪୬. ବିବାହ:** ନିୟମପୂର୍ବକ, ପ୍ରକାଶ୍ୟରେ, ସ୍ୱେଚ୍ଛାପୂର୍ବକ ପାଣିଗ୍ରହଣ କରିବାକୁ '**ବିବାହ**' କୁହାଯାଏ ।

**୪୭. ନିୟୋଗ:** ବିବାହ ପରେ ନିଃସନ୍ତାନ ଅବସ୍ଥାରେ, ପତି ବା ପତ୍ନୀଙ୍କ ମୃତ୍ୟୁ ଆଦି ବିୟୋଗ ହେଲେ ଅଥବା ନପୁଂସକତ୍ୱ-ବନ୍ଧ୍ୟାତ୍ୱ ଆଦି ସ୍ଥିର ରୋଗ ହେଲେ ସ୍ତ୍ରୀ ବା ପୁରୁଷ ଦ୍ୱାରା, **ଆପତ୍ କାଳରେ,** ସ୍ୱବର୍ଣ୍ଣ ବା ନିଜ ବର୍ଣ୍ଣଠାରୁ ଉତ୍ତମ ବର୍ଣ୍ଣର ପୁରୁଷ ବା ସ୍ତ୍ରୀ ସହ ସନ୍ତାନୋତ୍ପତ୍ତି ନିମିତ୍ତ ଶାସ୍ତ୍ର-ସମାଜର ନିୟମାନୁସାରେ ସଂଯୁକ୍ତ ହେବାକୁ **ନିୟୋଗ** କହନ୍ତି ।

**୪୮. ସ୍ତୁତି:** ଗୁଣ-କୀର୍ତ୍ତନ-ଶ୍ରବଣ ଓ ଜ୍ଞାନ ହେବାକୁ ସ୍ତୁତି କୁହାଯାଏ । ସ୍ତୁତିର ଫଳ ପ୍ରୀତି ଆଦି ହୋଇଥାଏ ।

**୪୯. ପ୍ରାର୍ଥନା:** ନିଜର ପୂର୍ଣ୍ଣ ସାମର୍ଥ୍ୟ ସହକାରେ ପୁରୁଷାର୍ଥ କରିବା ପରେ ଈଶ୍ୱରଙ୍କ ସମ୍ବନ୍ଧରୁ ଲାଭ ହେଉଥିବା ବିଜ୍ଞାନ ଆଦି ନିମନ୍ତେ ଈଶ୍ୱରଙ୍କୁ ଯାଚନା କରିବାକୁ ପ୍ରାର୍ଥନା କୁହାଯାଏ । ପ୍ରାର୍ଥନା ଦ୍ୱାରା ନିରଭିମାନତା ଆଦି ହୋଇଥାଏ ।

**୫୦. ଉପାସନା:** ଈଶ୍ୱରଙ୍କ ଗୁଣ, କର୍ମ, ସ୍ୱଭାବ ଯେପରି ପବିତ୍ର ନିଜର ଗୁଣ,କର୍ମ, ସ୍ୱଭାବକୁ ସେପରି ପବିତ୍ର କରିବା । ଈଶ୍ୱରଙ୍କୁ ସର୍ବବ୍ୟାପକ ଓ ନିଜକୁ ବ୍ୟାପ୍ୟ ଜାଣି ଈଶ୍ୱର ମୋ ସମୀପରେ ଅଛନ୍ତି ଏପରି ନିଶ୍ଚୟ କରି ଯୋଗାଭ୍ୟାସ ଦ୍ୱାରା ଈଶ୍ୱରଙ୍କୁ ସାକ୍ଷାତକାର କରିବାକୁ **ଉପାସନା** କୁହାଯାଏ । ଏହାର ଫଳ ହେଉଛି ଜ୍ଞାନର ଉନ୍ନତି ଆଦି ।

**୫୧. ସଗୁଣନିର୍ଗୁଣସ୍ତୁତିପ୍ରାର୍ଥନୋପାସନା:** ପରମେଶ୍ୱରଙ୍କ ଠାରେ ଯେଉଁ -ଯେଉଁ ଗୁଣ ଅଛି ସିଏ ସେସବୁ ଗୁଣଯୁକ୍ତ ବୋଲି ମାନି ତାଙ୍କ ପ୍ରଶଂସା କରିବାକୁ

**'ସଗୁଣ ସ୍ତୁତି'** ଏବଂ ପରମେଶ୍ୱରଙ୍କଠାରେ ଯେଉଁ-ଯେଉଁ ଗୁଣ ନାହିଁ ପରମେଶ୍ୱର ସେସବୁ ଗୁଣରୁ ରହିତ ବୋଲି ମାନି ତାଙ୍କ ପ୍ରଶଂସା କରିବାକୁ **'ନିର୍ଗୁଣ ସ୍ତୁତି'** କୁହାଯାଏ ।

ଶୁଭ ଗୁଣ ଗ୍ରହଣ କରିବା ପାଇଁ ଈଶ୍ୱରଙ୍କ ସହାୟତା ଯାଚନା କରିବାକୁ **'ସଗୁଣ ପ୍ରାର୍ଥନା'** ଏବଂ ଦୋଷ ଦୂର କରିବା ପାଇଁ ପରମାତ୍ମାଙ୍କୁ ସହାୟତା ଯାଚନା କରିବାକୁ **'ନିର୍ଗୁଣ ପ୍ରାର୍ଥନା'** କହନ୍ତି । ପରମେଶ୍ୱର ସର୍ବଗୁଣସମ୍ପନ୍ନ ବୋଲି ମାନି ସ୍ୱ ଆତ୍ମାକୁ ତାଙ୍କଠାରେ ଓ ତାଙ୍କଆଜ୍ଞାରେ ଅର୍ପଣ କରିଦେବା **'ସଗୁଣ ଉପାସନା'** ଏବଂ ପରମେଶ୍ୱର ସକଳ ଦୋଷରୁ ରହିତ ବୋଲି ମାନି ସ୍ୱ ଆତ୍ମାକୁ ତାଙ୍କ ନିକଟରେ ଓ ତାଙ୍କ ଆଜ୍ଞାରେ ଅର୍ପଣ କରିଦେବା **'ନିର୍ଗୁଣ ଉପାସନା'** ।

ଏସବୁ ସଂକ୍ଷେପରେ ସ୍ୱସିଦ୍ଧାନ୍ତ ପ୍ରକାଶ କରାଗଲା । ଏସବୁର ବିସ୍ତୃତ ବ୍ୟାଖ୍ୟା ଏହି 'ସତ୍ୟାର୍ଥପ୍ରକାଶ'ରେ ଉଚିତ ପ୍ରକରଣରେ ପ୍ରଦତ୍ତ ହୋଇଛି ତଥା 'ଋଗ୍‌ବେଦାଦିଭାଷ୍ୟଭୂମିକା' ଆଦି ଗ୍ରନ୍ଥରେ ମଧ୍ୟ ଲେଖାଯାଇଛି । ଅର୍ଥାତ୍ ଯେଉଁ-ଯେଉଁ କଥା ସର୍ବଜନଗ୍ରାହ୍ୟ, ତାକୁ ମୁଁ ମାନୁଅଛି, ଅର୍ଥାତ୍ ଯେପରି ସତ୍ୟ କହିବା ସମସ୍ତଙ୍କ ପକ୍ଷେ ଉତ୍ତମ ଏବଂ ମିଛ କହିବା ଖରାପ, ଏପରି ସିଦ୍ଧାନ୍ତଗୁଡ଼ିକୁ ମୁଁ ସ୍ୱୀକାର କରୁଅଛି । ଆଉ ମତମତାନ୍ତରର ଯେଉଁ ପରସ୍ପରବିରୁଦ୍ଧ ଝଗଡ଼ା ଅଛି, ତାହାକୁ ମୁଁ ପସନ୍ଦ କିମ୍ବା ଗ୍ରହଣ କରେ ନାହିଁ; କାରଣ ଏହି ମତବାଦୀମାନେ ସ୍ୱମତ ପ୍ରଚାର କରି ସାଧାରଣ ଲୋକଙ୍କୁ ଏଥିରେ ଫସାଇ ପରସ୍ପରର ଶତ୍ରୁ କରିଦେଇଛନ୍ତି । ଏହି ସଂକୀର୍ଣ୍ଣତାକୁ ଦୂର କରି, ସର୍ବମାନ୍ୟ ସତ୍ୟର ପ୍ରସାର କରି ସମସ୍ତଙ୍କୁ ଏକମତ କରାଇ ପାରସ୍ପରିକ ଦ୍ୱେଷ ଦୂର କରି ପାରସ୍ପରିକ ଦୃଢ଼ପ୍ରୀତିସମ୍ପନ୍ନ କରାଇ ସମସ୍ତଙ୍କ ଦ୍ୱାରା ସମସ୍ତଙ୍କୁ ସୁଖ-ଲାଭ ପହଞ୍ଚାଇବା ନିମନ୍ତେ ମୋର ଏ ପ୍ରଯତ୍ନ ଓ ଅଭିପ୍ରାୟ । ସର୍ବଶକ୍ତିମାନ୍ ପରମାତ୍ମାଙ୍କ କୃପା, ସହାୟତା ଓ ଆପ୍ତଜନଙ୍କ ସହାନୁଭୂତିରେ ଏହି ସିଦ୍ଧାନ୍ତ ଭୂଗୋଳରେ ସର୍ବତ୍ର ଶୀଘ୍ର ପ୍ରବର୍ତ୍ତିତ ହେଉ ଯଦ୍ଦ୍ୱାରା ସମସ୍ତେ ସହଜରେ ଧର୍ମ, ଅର୍ଥ, କାମ, ମୋକ୍ଷର ସିଦ୍ଧି କରି ସଦା ଉନ୍ନତ ଓ ଆନନ୍ଦିତ ହୋଇ ରହନ୍ତୁ । ଏହା ହିଁ ମୋର ଏକମାତ୍ର ପ୍ରୟୋଜନ ।

ଅଲମତିବିସ୍ତରେଣ ବୁଦ୍ଧିମଦ୍‌ବର୍ୟ୍ୟେଷୁ ।

ଓଓ୍ମ୍ । ଶନ୍ନୋ ମିତ୍ରଃ ଶଂ ବରୁଣଃ । ଶନ୍ନୋ ଭବତ୍ୱର୍ଯ୍ୟମା ।

ଶନ୍ନ ଇନ୍ଦ୍ରୋ ବୃହସ୍ପତିଃ । ଶନ୍ନୋ ବିଷ୍ଣୁରୁରୁକ୍ରମଃ ॥

ନମୋ ବ୍ରହ୍ମଣେ । ନମସ୍ତେ ବାୟୋ । ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି । ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମାବାଦିଷମ୍ । ଋତମବାଦିଷମ୍ । ସତ୍ୟମବାଦିଷମ୍ ତନ୍ମାମାବୀତ୍ । ତଦ୍‌ବକ୍ତାରମାବୀତ୍ । ଆବୀନ୍ମାମ୍ । ଅବୀଦ୍‌ବକ୍ତାରମ୍ । ଓଓ୍ମ୍ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥ (ତୈତି, ଆରଣ୍ୟକ, ୭:୧୨)

ଇତି ଶ୍ରୀମତ୍‌ପରମହଂସପରିବ୍ରାଜକାଚର୍ଯ୍ୟାୟାଣାଂ ପରମବିଷୁଷାଂ
ଶ୍ରୀବିରଜାନନ୍ଦସରସ୍ୱତୀସ୍ୱାମିନାଂ
ଶିଷ୍ୟେଣ ଶ୍ରୀମଦ୍‌ଦୟାନନ୍ଦସରସ୍ୱତୀସ୍ୱାମିନା ବିରଚିତଃ
ସ୍ୱମନ୍ତବ୍ୟାମନ୍ତବ୍ୟସିଦ୍ଧାନ୍ତସମନ୍ୱିତଃ
ସୁପ୍ରମାଣୟୁକ୍ତଃ ସୁଭାଷାବିଭୂଷିତଃ ସତ୍ୟାର୍ଥପ୍ରକାଶୋଽୟଂ ଗ୍ରନ୍ଥଃ ସମ୍ପୂର୍ତ୍ତିମଗମତ୍ ॥

-୦-

*ସର୍ବଜ୍ଞାନମୟୀ 'ବେଦ'ର ମହାନତା, ବୈଦିକ କର୍ମକାଣ୍ଡର ଉପଯୋଗିତା ଓ ପୃଥିବୀ ପୃଷ୍ଠରେ ଲୋକାଚାରିତ ସମ୍ପ୍ରଦାୟଗୁଡ଼ିକର ଗୁଣ-ଦୋଷ ସମ୍ବନ୍ଧରେ ଠିକ୍ ଠିକ୍ ଜାଣିବା ପାଇଁ ମହର୍ଷି ଦୟାନନ୍ଦକୃତ ୧. ସତ୍ୟାର୍ଥ ପ୍ରକାଶ, ୨. ଋଗ୍‌ବେଦାଦି ଭାଷ୍ୟ ଭୂମିକା ଓ ୩. ସଂସ୍କାରବିଧି ଅବଶ୍ୟ ପଢ଼ନ୍ତୁ ।*

*ପୁସ୍ତକ ପ୍ରାପ୍ତି ପାଇଁ ନିକଟସ୍ଥ ଆର୍ଯ୍ୟ ସମାଜ ସହ ସଂପର୍କ କରନ୍ତୁ ।*